# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୧୯, ଭୁବନେଶ୍ୱର, ମାର୍ଚ୍ଚ ୩୦ - ଏପ୍ରିଲ ୦୫, ୨୦୨୬, Vol: 3, Issue: 19, Bhubaneswar, March 30 - April 05, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ସ୍ମୃତିର ଆଢୁଆଳରେ ବେଲା କଟ୍ ଖିଅର

ପୃଷ୍ଠା ୮ ସୁପ୍ରିମକୋର୍ଟଙ୍କ ନାଲିଆଖି : ମନଇଚ୍ଛା ବେଲ୍ ଦିଅନି


# ଲିଗାସି : ଲୋଗୋ ନୁହେଁ ଲୋକାଚାର


**ବିମଳ ଅଗ୍ରୱାଲ**


ରାଜ୍ୟସଭା ନିର୍ବାଚନ ପରେ ରାଜନୈତିକ ଚର୍ଚ୍ଚାରେ 'ଲିଗାସି' ଶବ୍ଦଟିର ପ୍ରଚଳନ ବଢିବାରେ ଲାଗିଛି । ଏମିତି ତ ଲିଗାସି ଶବ୍ଦର ଅଭିଧାନ ଅର୍ଥ ହେଉଛି ଜଣେ ବ୍ୟକ୍ତିର ମୃତ୍ୟୁ ପରେ ତା'ର ଉତ୍ତରାଧିକାରୀଙ୍କୁ ଉତ୍ତରାଧିକାର ସୂତ୍ରରେ ମିଳିଥିବା ସମ୍ପତ୍ତି । ତେବେ ରାଜନୀତିରେ ଏହା ଜଣେ ନେତାଙ୍କ ମୃତ୍ୟୁ ପରେ ତାଙ୍କ ଦ୍ୱାରା ଆଦୃତ ବିଚାରଧାରାକୁ ବୁଝାଇଥାଏ । ତେବେ ବର୍ତ୍ତମାନ ଯେତେବେଳେ ବିଜୁ ଲିଗାସୀ ଓ ବାପ ଲିଗାସି କଥା ଉଠୁଛି ସେତେବେଳେ କେତେଗୁଡିଏ ବିନ୍ଦୁ ଉପରେ ଆଲୋଚନା କରିବା ଉଚିତ ହେବ ।

ବିଜୁବାବୁ ନିଜ କର୍ମ ଓ ବ୍ୟକ୍ତିତ୍ୱ ଦ୍ୱାରା ପରିଚିତ ଓ ପ୍ରତିଷ୍ଠିତ ହୋଇଥିଲେ । ତାଙ୍କ ପୁରୁଷାର୍ଥ ତାଙ୍କୁ ତତ୍କାଳୀନ ରାଜ୍ୟ ଓ ଜାତୀୟ ରାଜନୀତିରେ ଏକ ସମ୍ମାନିତ ଆସନ ପ୍ରଦାନ କରିଥିଲା । ବିଜୁବାବୁ ପ୍ରଚଣ୍ଡ ସାହସୀ, ସ୍ୱାଭିମାନୀ ଓ ସାଲିସ ବିହୀନ ନେତା ଥିଲେ । ସେ ସମସ୍ତ ପ୍ରସଙ୍ଗରେ ନିଜର ବିଚାରଧାରାକୁ ଖୋଲାଖୋଲି ପ୍ରକାଶ କରିବାର





ସାମର୍ଥ୍ୟ ରଖୁଥିଲେ । ବିଜୁବାବୁ ତାଙ୍କ ଜୀବନକାଳରେ ଶହ ଶହ ନୂତନ ନେତା ସୃଷ୍ଟି କରିଥିଲେ ମଧ୍ୟ ବାପା ହୋଇ ନିଜର ସନ୍ତାନଙ୍କୁ ରାଜନୈତିକ ଲିଗାସି ଭାବେ ଉପସ୍ଥାପିତ କରିନଥିଲେ । କିନ୍ତୁ ପରିତାପର ବିଷୟ ତାଙ୍କ ଦ୍ୱାରା ସୃଷ୍ଟ ଏବଂ ତାଙ୍କ ନାମରେ ପରିଚିତ ତତ୍କାଳୀନ ଲିଗାସୀ ନେତୃମଣ୍ଡଳୀର କୌଣସି ପୁରୁଷାର୍ଥ ନଥିଲା । ତେଣୁ ଏହି ଅଣପୁରୁଷା ନେତାମାନେ ନିଜର ପରିଚୟ ଓ ଉପସ୍ଥିତି ଅକ୍ଷୁର୍ଣ୍ଣ ରଖିବା ପାଇଁ ନବୀନବାବୁଙ୍କୁ ବିଜୁ ଲିଗାସି ଭାବେ ଉପସ୍ଥାପିତ କଲେ । ଓଡିଆ ଓ ଓଡିଶାକୁ ଆଦୌ ଜାଣିନଥିବା ରାଜନୀତି ପ୍ରତି ନିରାସକ୍ତ ନବୀନବାବୁଙ୍କୁ ନେହୁରା ହୋଇ ଓଡିଶାର ନେତୃତ୍ୱ ସମର୍ପଣ କରାଗଲା । ଉଦ୍ଦେଶ୍ୟ ଥିଲା ଅନଭିଜ୍ଞ ନବୀନବାବୁଙ୍କୁ ପ୍ରତୀକ ଭାବେ ବ୍ୟବହାର କରି ପ୍ରକୃତ କ୍ଷମତା ହାତେଇବା । ତେବେ ନବୀନବାବୁ ଅଳପ ଦିନରେ ରାଜନୀତିର ପେଞ୍ଚ ପଇଁତରା ଶିଖି ନିଜ ସିଂହାସନର ସୁରକ୍ଷା ପାଇଁ ସାମ-ଦାନ-ଦଣ୍ଡ-ଭେଦର ସମସ୍ତ ପେଞ୍ଚ ପ୍ରୟୋଗ କରି ଅସାଧାରଣ ସଫଳତା ପାଇଲେ ।

ବିଜୁ ଲିଗାସିର ବାହକ ଅଧିକାଂଶ ନେତା କ୍ଷମତାର ଗଳିରେ ବହୁତ ବୁଲିଲେ, ବେପାର କଲେ, ଲାଭ ମଧ୍ୟ କମେଇଲେ ଏବଂ ସେହି ଲାଭକୁ ଲିଗାସି କରି ନିଜ ନିଜ ସନ୍ତାନମାନଙ୍କୁ ରାଜନୀତିରେ ପ୍ରତିଷ୍ଠିତ କଲେ । ଅଶୋକ ଦାସ, ନଳିନୀ ମହାନ୍ତି, ବିଜୟ ମହାପାତ୍ର, ଦାମ ରାଉତ, ପ୍ରଫୁଲ୍ଲ ଘଡେଇ, ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ପ୍ରଦୀପ ମହାରଥି ଆଦି ଅନେକ ବିଜୁସୃଷ୍ଟ ନେତା ନିଜ ନିଜ ନନ୍ଦନମାନଙ୍କୁ ନବୀନଙ୍କ ଦ୍ୱାରା ଅଭିସିକ୍ତ କରାଇଲେ । ଦିନଥିଲା ନିଜର ରାଜନୈତିକ ଉପସ୍ଥିତି ଦରଜ କରିବା ପାଇଁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଲିଗାସୀମାନେ ଯଥା ହରେକୃଷ୍ଣ ମହତାବଙ୍କ ପୁଅ ଭର୍ତ୍ତୃହରି, ନନ୍ଦିନୀ ଦେବୀଙ୍କ ପୁଅ ତଥାଗତ, ନୀଳମଣି ରାଉତରାୟଙ୍କ ପୁଅ ବିଜୟଶ୍ରୀ ରାଉତରାୟ ଏବଂ ଗିରିଧାରୀ ଗମାଙ୍ଗଙ୍କ ପତ୍ନୀ ହେମା ଗମାଙ୍ଗ ନବୀନଙ୍କର ଶରଣ ପଶିଥିଲେ । ଜୀବନସାରା ନବୀନବାବୁଙ୍କୁ ତୀବ୍ର ସମାଲୋଚନା କରିଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ ବିଧାନସଭାକୁ ଯିବା ତଥା ତାଙ୍କ ଜୀବନର ଅନ୍ତିମ ଇଚ୍ଛା ପୂରଣ ପାଇଁ ନବୀନବାବୁଙ୍କ ଶରଣ ପଶିବାକୁ ବାଧହେଲେ । ଏହା ବାଦ ମଧ୍ୟ ନବୀନବାବୁଙ୍କ ସମୟରେ ଅରୁଣ, ଅତନୁ, ସଂଜୟଙ୍କ ଭଳି ଶହ ଶହ ଯୁବ ନେତୃତ୍ୱ ସୃଷ୍ଟି ହୋଇଛନ୍ତି ।

କେନ୍ଦ୍ରରେ ଉଭୟ ୟୁପିଏ ଏବଂ ଏନ୍‌ଡିଏ ସରକାର ସମୟରେ କେନ୍ଦ୍ରୀୟ ନେତୃତ୍ୱ ସହ ନବୀନବାବୁଙ୍କର ଉତ୍ତମ ସମ୍ପର୍କର ଫାଇଦା ନେଇ ଲିଗାସିମାନେ ଅନେକ ଅନୈତିକ ଫନ୍ଦି ଫିକରରେ ସାମିଲ ହୋଇ ଅନେକ ଅର୍ଥ ଅର୍ଜନ କରି ଧରାପଡିଲା ପରେ ଲିଗାସିମାନଙ୍କୁ ମୁଖାକରି ଆଗକୁ ଆଣିଲେ । ସେତେବେଳେ ନବୀନବାବୁଙ୍କର ସମୟ ଥିଲା ସତ୍ତା ଥିଲା । ଏବେ ନବୀନ ବାବୁଙ୍କର ସରକାର ନାହିଁ, ବୟସ ଓ ସ୍ୱାସ୍ଥ୍ୟ ତାଙ୍କ ଭବିଷ୍ୟତକୁ ଅନିଶ୍ଚିତ କରିଛି । ତେଣୁ ଏବେ ପୂର୍ବୋକ୍ତ ବିଜୁ ଲିଗାସୀର ବାହକମାନେ ବାପ ଲିଗାସି ପ୍ରସଙ୍ଗ ଉଠେଇଛନ୍ତି ।

ଏ ଲେଖାର ଉଦ୍ଦେଶ୍ୟ ନବୀନବାବୁଙ୍କର ଗୌରବଗାନ ଆଦୌ ନୁହେଁ । ଚବିଶ ବର୍ଷ ଅଖଣ୍ଡ କ୍ଷମତା ଉପଭୋଗ କରିବା ପରେ ମଧ୍ୟ ସମୟାନ୍ତର ପାଇଁ ଏକ ସଫଳ ଓ ସମର୍ଥ ନେତୃମଣ୍ଡଳୀ ସୃଷ୍ଟି କରିନପାରିବା ନିଶ୍ଚିତ ଭାବେ ତାଙ୍କ ବିଫଳତା । ତାଙ୍କ ଦ୍ୱାରା ଉପସ୍ଥାପିତ ପାଣ୍ଡିୟାନ, ସନ୍ତୃପ୍ତ ମିଶ୍ର ପ୍ରଭୃତି ଉତ୍ତରାଧିକାରୀ ରାଜନୈତିକ ଭାବେ ଲୋକଙ୍କ ଦ୍ୱାରା ଗ୍ରହଣୀୟ ନୁହନ୍ତି ଏହା ମଧ୍ୟ ତାଙ୍କର ବଡ ବିଫଳତା । ତେବେ ବିଜେଡି ସରକାରର ଅପ୍ରତ୍ୟାଶିତ ପତନ ପରେ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଯେପରି କେବଳ ନବୀନବାବୁଙ୍କୁ ଆକ୍ରମଣ କରୁଛନ୍ତି ତାହା ମଧ୍ୟ ଗ୍ରହଣୀୟ ନୁହେଁ । ଭାରତରେ ସମସ୍ତ ଆଞ୍ଚଳିକ ଦଳ ପାରିବାରିକ ଉତ୍ତରାଧିକାର ସୂତ୍ରରେ ଚାଲେ । ଯେଉଁ ଦଳରେ ପାରିବାରିକ ଉତ୍ତରାଧିକାରୀ ସକ୍ରିୟ ସେ ଦଳ ପ୍ରାସଙ୍ଗିକ, ଯେଉଁ ଦଳରେ ଉତ୍ତରାଧିକାରୀ ଦୁର୍ବଳ ସେଦଳ ସ୍ଥିତି ଅସ୍ଥିର । ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ, ଚିରାଗ ପାସୱାନ ଓ ଉମର ଅବଦୁଲ୍ଲାଙ୍କ ଦଳମାନଙ୍କ ତୁଳନାରେ ମାୟାବତୀଙ୍କ ବିଏସ୍‌ପି ଓ ଅଜିତ ସିଂହଙ୍କର ଲୋକଦଳର ସ୍ଥିତିକୁ ଉଦାହରଣ ରୂପେ ରଖାଯାଇପାରେ । ପ୍ରଧାନମନ୍ତ୍ରୀ ମୋଦିଙ୍କର ବକ୍ତବ୍ୟ 'ହମାରା କ୍ୟା ହେ, ଫକୀର ବନ କେ ଆୟେ ଥେ ଝୋଲା ଉଠାକର ଚଲେ ଯାଏଙ୍ଗେ' ବର୍ତ୍ତମାନ ନବୀନବାବୁଙ୍କ ପାଇଁ ପ୍ରଯୁଜ୍ୟ । ତେବେ ଯେଉଁ ପୁରୁଷପୁଙ୍ଗବମାନେ ବାପ ଲିଗାସି କଥା କହି ନବୀନବାବୁଙ୍କୁ ଭର୍ତ୍ସନା କରୁଛନ୍ତି ସେମାନଙ୍କୁ ଇତିହାସ ନିଶ୍ଚୟ ପ୍ରଶ୍ନ କରିବ କି ତୁମ ପୂର୍ବପୁରୁଷମାନଙ୍କର ଅଯୋଗ୍ୟତା ବିଜୁ ଲିଗାସି ନାମରେ ତାଙ୍କର ବିଚାରଧାରାକୁ ଆଗକୁ ବଢେଇବାକୁ ସମର୍ଥ ହୋଇନଥିଲା । ଆଜି ତୁମେମାନେ ମଧ୍ୟ ନିଜ ପୁରୁଷାର୍ଥ ନୁହେଁ ନବୀନବାବୁଙ୍କ ନାମରେ ରାଜନୀତି କରିବାକୁ ଚାହୁଁଛ । ସିବିଆଇ, ଇଡିର ଚାପକୁ ସମ୍ଭାଳି ନପାରି ମୁଣ୍ଡ ରକ୍ଷା କରିବାକୁ ମୁଣ୍ଡ ବିକ୍ରି କରୁଛ । ଆଜି ବି ବିଜୁ ଜନତା ଦଳ ଓଡିଶାର ସର୍ବବୃହତ୍ ରାଜନୈତିକ ଦଳ । ନବୀନବାବୁଙ୍କ ମାର୍କା ଛାଡି ନିଜ ନିଜର ପରିଚୟ ବଳରେ ଏହି ଦଳକୁ ପୁଷ୍ଟ କର । ବାପମାନଙ୍କର ଲିଗାସି ବାହାନାରେ ଅନ୍ୟଦଳ ନିକଟରେ ଆତ୍ମସମର୍ପଣରେ ନା ବିଜୁବାବୁ ନା ତୁମମାନଙ୍କ ବାପ କାହାରି ଗୌରବ ବୃଦ୍ଧି ହେବ ନାହିଁ । ଇତିହାସରେ ତୁମମାନଙ୍କ ନାମ ବିଜୁ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଭୂମିପୁତ୍ର ଭାବେ ନୁହେଁ ବରଂ ଚରଣ ଚୁଟିଆ ରୁପେ ବର୍ଣ୍ଣିତ ହେବ । ଲିଗାସି ଏକ ଲୋଗୋ ନୁହେଁ ଏହା ଲୋକାଚାର ହେଉ ଲୋକାଭିମୁଖି ହେଉ ।

(ମତାମତ ଲେଖକଙ୍କ ନିଜସ୍ୱ)


*ମୋ : ୯୪୩୭୨ ୭୪୫୯୨*





### କ୍ୟାଟ ବାର ଆସୋସିଏସନ ନିର୍ବାଚନ

# ଦେବେନ୍ଦ୍ର କୁମାର ବେହେରା ସଭାପତି ରମାକାନ୍ତ ସାହୁ ସମ୍ପାଦକ



**କଟକ (ଭିଓଭି) :** କ୍ୟାଟ ବାର ଆସୋସିଏସନର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେଇ ଫଳାଫଳ ଘୋଷଣା ହୋଇଯାଇଛି। ଏହି ନିର୍ବାଚନରେ ଦେବେନ୍ଦ୍ର କୁମାର ବେହେରା ସଭାପତି, ପ୍ରଭାସ ରଞ୍ଜନ ଜୀବନ ଦାଶ ଉପ-ସଭାପତି, ରମାକାନ୍ତ ସାହୁ ସମ୍ପାଦକ, ଅର୍ପିତ ସିକଦାର ସହ-ସମ୍ପାଦକ ଓ ଛବିଳେନ୍ଦୁ ମହାନ୍ତ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହେଇଛନ୍ତି। କାର୍ଯ୍ୟନିର୍ବାହୀ ପରିଷଦକୁ ତିନିଜଣ ମହିଳା ଆଇନଜୀବୀଙ୍କ ସମେତ ମୋଟ ପାଞ୍ଚଜଣ ନିର୍ବାଚିତ ହେଇଛନ୍ତି। ସୁଶାନ୍ତ କୁମାର ନାୟକ, ସ୍ୱର୍ଣ୍ଣପ୍ରଭା ଧଳ, କୈଳାସ ଚନ୍ଦ୍ର ଶତପଥୀ, ଜ୍ୟୋତ୍ସ୍ନା ମିଶ୍ର ଓ ଯୋଗମାୟା ପ୍ରଧାନ ପ୍ରମୁଖ କାର୍ଯ୍ୟନିର୍ବାହୀ ପରିଷଦକୁ ନିର୍ବାଚିତ ହେଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ନିର୍ମଳ ରଞ୍ଜନ ରାଉତରାୟ ଜଣାଇଛନ୍ତି।

# ଡିସେମ୍ବରରେ ବାରବାଟୀ ଟି-୨୦



**କଟକ (ଭିଓଭି) :** କଟକର ଐତିହାସିକ ବାରବାଟୀ ଷ୍ଟାଡିୟମକୁ ଫେରିବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟର ରୋମାଞ୍ଚ । ଡିସେମ୍ବର ୨୪ ତାରିଖରେ ବାରବାଟୀରେ ଟି-୨୦ ମ୍ୟାଚ୍ ଖେଳାଯିବ। ଦୀର୍ଘ ଦିନର ବ୍ୟବଧାନ ପରେ ବାରବାଟୀରେ ଭାରତ ଓ ଶ୍ରୀଲଙ୍କା ପରସ୍ପରର ସାମ୍ନା କରିବେ। ୨୦୨୬-୨୭ ପାଇଁ ବିସିସିଆଇ ଖେଳସୂଚୀରୁ ସ୍ପଷ୍ଟ ହୋଇଛି। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ। ଶ୍ରୀଲଙ୍କା ଭାରତ ଗସ୍ତରେ ଆସି ୩ଟି ଓଡିଆଇ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ। ୩ ମ୍ୟାଚ୍ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବାରବାଟୀରେ ଖେଳିବ। ରାଜକୋଟରେ ଶ୍ରୀଲଙ୍କା ପ୍ରଥମ ଓ ପୁଣେରେ ତୃତୀୟ ଟି-୨୦ ଖେଳିବ । ଶେଷଥର ପାଇଁ ୨୦୧୭ ମସିହାରେ ବାରବାଟୀ ଷ୍ଟାଡିୟମରେ ଏହି ଦୁଇ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ସେହି ମ୍ୟାଚ୍‌ରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଶ୍ରୀଲଙ୍କାକୁ ୯୩ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା ।

# ଭିଜିଲାନ୍ସ ଜାଲରେ ଆର୍‌ଆଇ ମ୍ୟୁଟେସନ୍ ପାଇଁ ନେଉଥିଲେ ଲାଞ୍ଚ

**କଟକ (ଭିଓଭି) :** ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ । କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ତହସିଲ୍ ଅନ୍ତର୍ଗତ ମଙ୍ଗରାଜପୁରର ରାଜସ୍ୱ ନିରୀକ୍ଷକ ରାଜାରାମ ବନ୍ଦ୍ରା ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ୩୦ ହଜାର ଟଙ୍କା ନେବାବେଳେ ଧରିଛି ଭିଜିଲାନ୍ସ । ଆର.ଆଇ ରାଜାରାମ ବନ୍ଦ୍ରା, ଏକ ମ୍ୟୁଟେସନ୍ ପାଇଁ ଜମି ମାଲିକଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ୨ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରୁଛି ।

# ବଳଭଦ୍ରପୁରରେ ରାମନବମୀ ଅନୁଷ୍ଠିତ

**କଟକ (ଭିଓଭି) :** ବଳଭଦ୍ରପୁର ଗ୍ରାମ୍ୟ ଉନ୍ନୟନ କମିଟିଙ୍କ ଆୟୋଜନରେ ପବିତ୍ର ରାମନବମୀ ଉତ୍ସବ ଭକ୍ତିମୟ ପରିବେଶରେ ଭବ୍ୟ ଭାବରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମଗ୍ର ବଳଭଦ୍ରପୁର ଗ୍ରାମକୁ ଆଲୋକ ସଜ୍ଜା ଓ ଡେକୋରେସନ୍ ଦ୍ୱାରା ଆକର୍ଷଣୀୟ ଭାବେ ସୁସଜ୍ଜିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟି ରାମେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ୧୦ଟି ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପ୍ରଥମେ ବଳଭଦ୍ରପୁର ଯୁବକ ସଂଘ ଗୃହ ପାଖରେ ସମସ୍ତେ ଏକତ୍ରିତ ହୋଇ ଏକ ଭବ୍ୟ ଶୋଭାଯାତ୍ରାର ଆରମ୍ଭ କରିଥିଲେ। ମୃଦଙ୍ଗ ଓ ଝାଞ୍ଜର ମନୋମୁଗ୍ଧକର ଧ୍ୱନିରେ ସମଗ୍ର ଗ୍ରାମ ଭକ୍ତିରେ ମୁଗ୍ଧ ହୋଇଯାଇଥିଲା। ଶୋଭାଯାତ୍ରାରେ ଲଉଡ଼ି ବାଡ଼ି ନାଚ ଏବଂ ଛୋଟ ପିଲାମାନେ ଭଗବାନ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶଭୂଷା ପରିଧାନ କରି ଗ୍ରାମ ପରିକ୍ରମା କରିଥିଲେ। ପରେ ସମସ୍ତେ ରାମେଶ୍ୱର ମନ୍ଦିରରେ ପହଞ୍ଚି ୨୨ ଦିଗଭାଗ



ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀଙ୍କ ନେତୃତ୍ୱରେ କୀର୍ତ୍ତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଳଭଦ୍ରପୁର ଗ୍ରାମର ଅଧିକାରୀ ନିରାକାର ପ୍ରସାଦ ଜେନା, ମହନ୍ତ ନୀଳକଣ୍ଠ ମହାନ୍ତି, କଟୁଆଳ ବିଷ୍ଣୁ ରାଉଳ, କୋଷାଧ୍ୟକ୍ଷ ଅମରେନ୍ଦ୍ର ରାଉତ, ଯୁବକ ସଂଘର ସଭାପତି ପ୍ରସନ୍ନ କୁମାର ରାଉତ, ଉପସଭାପତି ନାରାୟଣ ଚନ୍ଦ୍ର ଲେଙ୍କା ଓ ନୀତେଶ ସାହୁ, ସମ୍ପାଦକ ପ୍ରଦୀପ୍ତ ରାଉତ, ସହ-ସମ୍ପାଦକ ରାଧେଶ୍ୟାମ ଜେନା ଓ ଦିବାକର ଲେଙ୍କା ଉପସ୍ଥିତ ଥିଲେ। ବଳଭଦ୍ରପୁର ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଙ୍କର ସହଯୋଗରେ କାର୍ଯ୍ୟକ୍ରମଟି ଶାନ୍ତି ଓ ଶୃଙ୍ଖଳାର ସହିତ ସଫଳତାର ସହ ସମାପନ ହୋଇଥିଲା।

# ପତଞ୍ଜଳି ପକ୍ଷରୁ ରାମନବମୀ ଓ ସନ୍ୟାସ ଦିକ୍ଷା ଦିବସ ପାଳନ



**କଟକ (ଭିଓଭି) :** ରାମନବମୀ ତିଥିରେ ଯୋଗଗୁରୁ ସ୍ୱାମୀ ରାମଦେବ ସନ୍ୟାସ ଦିକ୍ଷା ଗ୍ରହଣ କରିଥିବା ଯୋଗୁ ପତଞ୍ଜଳି ଯୋଗପୀଠ ପକ୍ଷରୁ ସାରା ଦେଶରେ ଏହି ଦିନଟିକୁ ସନ୍ୟାସ ଦିକ୍ଷା ଦିବସ ଭାବରେ ପାଳନ କରାଯାଇଥାଏ। କଟକ ରାଜେନ୍ଦ୍ର ନଗର ଠାରେ ରାଜ୍ୟ ପ୍ରଭାରୀ ସ୍ୱୟଂ ପ୍ରକାଶ ମହାପାତ୍ର ଓ ସୁନିଲ ଶର୍ମାଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିମାଇଁ ଜେନା, ଶିଶିର ଜେନା, ବିଚିତ୍ର ସାହୁ, ସ୍ୱରୂପ ସାହୁ, ସତ୍ୟ ରଞ୍ଜନ ଷଡ଼ଙ୍ଗୀ, ପ୍ରମୋଦ ଦାଶ, ପ୍ରିୟବ୍ରତ ରାଉତରାୟ, ପ୍ରସନ୍ନ ଭୂୟାଁ, ଅମୂଲ୍ୟ ମହାନ୍ତି, ପ୍ରମୋଦ ସାହୁ, ଗଜେନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ ଆଚାର୍ଯ୍ୟ, କୁରେଶ ପାତ୍ର, ସାଗର ନାୟକ, ଭରତ ଶର୍ମା, ପ୍ରକାଶ ଦାସ, କୃତ୍ତିବାସ ପଣ୍ଡା, ଅରବିନ୍ଦ ପଣ୍ଡା, ଶରତଚନ୍ଦ୍ର ପଣ୍ଡା, ହୃଷିକେଶ ସାହୁ, ସନ୍ତୋଷ ରାୟ, ବନ୍ଦିତା ମହାପାତ୍ର, ଅନୁପମା ରାଉଳ, ଅମିତା ପୃଷ୍ଟି, ରୀତା ପୁହାଣ, ଦେବଲକ୍ଷ୍ମୀ ପଟ୍ଟନାୟକ, ପାର୍ବତୀ ବିଶ୍ୱାଳ, ଅଞ୍ଜଳି ନାୟକ, ଦେବଯାନୀ ପ୍ରଧାନ, ସବିତା ବେହେରା, ଜୟଲକ୍ଷ୍ମୀ ରାଉତରାୟ, ବିଜୟଲକ୍ଷ୍ମୀ ନାୟକ, ଜ୍ୟୋସ୍ନା ମହାନ୍ତି, ଉଷାରାଣୀ ଜେନା ଓ ଅସୀମା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ରାମଚନ୍ଦ୍ରଙ୍କ ଆଦର୍ଶ ଜୀବନ ଉପରେ ଆଲୋଚନା, ରାମଚରିତ ମାନସ ଓ ହନୁମାନ ଚାଳିଶା ପାଠ ହେବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସବିତା ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ।

### ଘର ମାଲିକଙ୍କ ବିରୋଧରେ ଶାରୀରିକ ନିର୍ଯାତନା ଅଭିଯୋଗ

# ରାଜଧାନୀରେ ନାବାଳିକାଙ୍କୁ ଚେଙ୍କ

**ଭୁବନେଶ୍ୱର (ଭିଓଭି) :** ରାଜଧାନୀ ଭୁବନେଶ୍ୱରରେ ଜଣେ ନାବାଳିକାଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଇଥିବା ଏକ ଅଭାବନୀୟ ଖବର ସାମ୍ନାକୁ ଆସିଛି । ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିବା ୧୨ ବର୍ଷୀୟା ନାବାଳିକାଙ୍କୁ ଗରମ ଚେଙ୍କ ଦିଆଯାଇଥିବା ଅଭିଯୋଗ ହୋଇଛି । କାମରେ ସାମାନ୍ୟ ତ୍ରୁଟି ହେଲେ ଘର ମାଲିକ ତାଙ୍କୁ ବାରମ୍ବାର ମାନସିକ ଓ ଶାରୀରିକ ଭାବେ ନିର୍ଯାତନା ଦେଉଥିଲେ । ନାବାଳିକାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଚେଙ୍କର ଗଭୀର ଚିହ୍ନ ରହିଛି । ଏହି ସମ୍ପର୍କରେ ସୂଚନା ପାଇବା ପରେ ରୁଚିକା ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତାମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ବର୍ତ୍ତମାନ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କର ଚିକିତ୍ସା ଜାରି ରହିଛି । ଶିଶୁ ସୁରକ୍ଷା କର୍ମୀଙ୍କ ଅଭିଯୋଗ କ୍ରମେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ସମ୍ପୃକ୍ତ ଘର ମାଲିକଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବଡ଼ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ଶିଶୁ ସୁରକ୍ଷା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଉଦ୍ଧବ ଗୀତା



କାର୍ତ୍ତିକ ଚନ୍ଦ୍ର ପଣ୍ଡା

**ପୁରାଣ ପୃଷ୍ଠାରୁ...**

ଶ୍ରୀମଭାଗବତ୍ ଗୀତା ହିନ୍ଦୁମାନଙ୍କର ଏକ ମହାନ ତଥା ପବିତ୍ର ଧର୍ମଗ୍ରନ୍ଥ। ଶ୍ରୀମଭାଗବତ ମହର୍ଷି ବ୍ୟାସଙ୍କ ଅନ୍ୟ ଏକ ମହାର୍ଘ୍ୟ କୃତି, ଯାହାକି ପ୍ରତ୍ୟେକ ଓଡ଼ିଆ ମାନସ ପଟରେ ଜୀବନ୍ତ ।ଏହାର ଏକାଦଶ ସ୍କନ୍ଦର ୨୩ ଟି ଅଧ୍ୟାୟ ଈ(୭ ରୁ ୨୯) କୁ ଉଦ୍ଧବ ଗୀତାର ମାନ୍ୟତା ଦିଆଯାଏ । ଏହାକୁ ହଂସ ଗୀତା ମଧ୍ୟ କୁହାଯାଏ ।

ଶ୍ରୀମଭଗବତ ଗୀତାରେ କୃଷ୍ଣ, ଅର୍ଜୁନଙ୍କୁ ଜଣେ ଯୋଦ୍ଧା ର କର୍ତ୍ତବ୍ୟ ଓ ରାଷ୍ଟ୍ରୀୟ ଧର୍ମ ବିଷୟରେ ଅବଗତ କରିଥିଲେ କିନ୍ତୁ ଉଦ୍ଧବ ଗୀତାରେ କୃଷ୍ଣ ତାଙ୍କର ପ୍ରିୟ ଯାଦବ ବନ୍ଧୁ ତଥା ଭକ୍ତ ଉଦ୍ଧବଙ୍କୁ ତାଙ୍କର କେତେକ ପ୍ରଶ୍ନର ଉତ୍ତର ଦେବା ସହିତ, ଆଧ୍ୟାତ୍ମିକତା, ଧର୍ମ, ମୋକ୍ଷର ମାର୍ଗ ଓ ସମାଜର ବିଭିନ୍ନ ବର୍ଗଙ୍କ ପାଇଁ ଆଚାର ସଂହିତା ବିଷୟରେ ବୁଝାଇ ଥିଲେ ।

ଉଦ୍ଧବ ବ୍ରହ୍ମଜ୍ଞାନୀ ଥିଲେ । ତାଙ୍କ ପ୍ରିୟସଖାଙ୍କୁ ସେ ଭଲ ଭାବରେ ଜାଣିଥିଲେ। ଯାଦବଙ୍କ ପରସ୍ପର ଲଢ଼େଇର ସମ୍ଭାବ୍ୟ ଫଳାଫଳ, ଓ ପ୍ରିୟବନ୍ଧୁଙ୍କ ବିଦାୟ ବେଳାର ସମୟ ନିର୍ଘଣ୍ଟ ବିଷୟରେ ସେ ସମ୍ପୂର୍ଣ୍ଣ ଅବଗତ ଥିଲେ । କୃଷ୍ଣ ଯାଦବମାନଙ୍କୁ ପ୍ରଭାସତୀର୍ଥକୁ ଯାଇ ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଲେ । ତାପରେ ସେ ଉଦ୍ଧବଙ୍କୁ, ତାଙ୍କଠାରୁ କିଛି ମାଗିବାକୁ କହିଥିଲେ । ସେ ସମସ୍ତଙ୍କୁ କିଛି ନା କିଛି ଦେଇଥିଲେ କିନ୍ତୁ ତାଙ୍କର ବନ୍ଧୁ ତାଙ୍କୁ କେବେ କିଛି ମାଗି ନଥିଲେ ।

ଉଦ୍ଧବ କିନ୍ତୁ ସଖାଙ୍କ ଠାରୁ କୌଣସି ପାର୍ଥିବ ବସ୍ତୁ ଚାହିଁ ନଥିଲେ । ମହାଭାରତ ଯୁଦ୍ଧର କେତେକ ଘଟଣାକ୍ରମ ତାଙ୍କ ମନମସ୍ତିଷ୍କକୁ ସର୍ବଦା ଆନ୍ଦୋଳିତ କରୁଥିଲା। ପାଣ୍ଡବ ମାନଙ୍କର ଶୁଭଚିନ୍ତକ, ତଥା ଅର୍ଜୁନଙ୍କର ସଖା କୃଷ୍ଣ ଥିଲେ ମଧ୍ୟ ସେମାନଙ୍କୁ ବହୁତ ଦୁଃଖ ଦୁର୍ଦ୍ଦଶା ଦେଇ ଗତି କରିଥିଲେ । ଉଦ୍ଧବ ଏହାର ରହସ୍ୟ ଜାଣିବା ପାଇଁ କୃଷ୍ଣଙ୍କୁ କେତୋଟି ପ୍ରଶ୍ନ ପଚାରି ତାର ଉତ୍ତର ଚାହିଁଥିଲେ । ଆସନ୍ତୁ ସେ ସମ୍ବନ୍ଧରେ ଅବଗତ ହେବା ।

ଉଦ୍ଧବଙ୍କ ପ୍ରଥମ ପ୍ରଶ୍ନ – 'ହେ କେଶବ, ବନ୍ଧୁତ୍ୱରର ପ୍ରକୃତ ସଂଜ୍ଞା କଣ ? ଉତ୍ତରରେ କୃଷ୍ଣ କହିଥିଲେ –'କୌଣସି ବିପଦ ସମୟରେ ଯଦି ଜଣେ ବନ୍ଧୁ ଆପେ ପହଞ୍ଚି ସହାୟତାର ହାତ ବଢାଏ, ସେ ହେଉଛି, ପ୍ରକୃତ ବନ୍ଧୁ । ଠିକ୍ ଏହି ସମୟକୁ ଉଦ୍ଧବ,




ସତେ ଯେମିତି ଆଗରୁ ଅପେକ୍ଷା କରିଥିଲେ। ସେ ତତକ୍ଷଣାତ୍ ପଚାରିଲେ –'ହେ ଆପଦଭଞ୍ଜନ, ଆପଣ ସଦା ସର୍ବଦା ସତ୍ୟ ଆଉ ଧର୍ମର ରକ୍ଷା କରି ଆସିଛନ୍ତି' ଆପଣ ଚାହିଁଥିଲେ ପାଣ୍ଡବମାନଙ୍କୁ ପଶାଖେଳ ବିପତ୍ତିରୁ ରକ୍ଷା କରି ପାରିଥାନ୍ତେ । 'ଆପଣ ଚାହିଁଥିଲେ କପଟପଶା ଖେଳକୁ ବନ୍ଦ ରଖି ପାରିଥାନ୍ତେ ଅଥବା ପାଣ୍ଡବମାନଙ୍କ ତରଫରୁ ଖେଳି, ସେମାନେଙ୍କୁ ସହଜରେ ଜିତାଇ ପାରିଥାନ୍ତେ । କିନ୍ତୁ ସେପରି କଲେ ନାହିଁ କାହିଁକି' ?

ଉତ୍ତରରେ କୃଷ୍ଣ, ଧର୍ମରାଜ ଓ ତାଙ୍କ ଭାଇମାନଙ୍କୁ ଏଥିପାଇଁ ଦାୟୀ କରିଥିଲେ । ସେ ଦୁର୍ଯ୍ୟୋଧନଙ୍କୁ ବୁଦ୍ଧିମାନ, କୂଟନୀତିଜ୍ଞ ସମ୍ପର୍ଣ୍ଣ ପ୍ରକୃତ ରାଜାର ସମ୍ମାନ ଦେଇଥିଲେ। କୂଟନୀତି, ରାଷ୍ଟ୍ରନୀତିର ଏକ ଗୁରୁତ୍ୱ ପୂର୍ଣ୍ଣ ଅଂଶ ବିଶେଷ ହୋଇଥିବାରୁ, ଦୁର୍ଯ୍ୟୋଧନ ଶକୁନିକୁ ଖେଳାଇ ନିଜର ବୁଦ୍ଧିମତତାର ପରିଚୟ ଦେଇଥିଲା । କିନ୍ତୁ ଧର୍ମରାଜଙ୍କ ଦୂରଦୃଷ୍ଟିର ଅଭାବ ଥିଲା । ସେ ଚାହିଁଥିଲେ, ତାଙ୍କ ତରଫରୁ ଖେଳିବା ପାଇଁ କୃଷ୍ଣଙ୍କୁ ଅନୁରୋଧ କରି ପାରିଥାନ୍ତେ । କିନ୍ତୁ ବାସ୍ତବରେ ସେ କୃଷ୍ଣଙ୍କୁ ତାଙ୍କ ତରଫରୁ ଖେଳିବା ପାଇଁ ଅନୁରୋଧ କରି ନଥିଲେ ।

ଅନ୍ୟପକ୍ଷରେ ପାଣ୍ଡବମାନେ ଏହାକୁ କୃଷ୍ଣଙ୍କଠାରୁ ଗୋପନ ରଖିଥିଲେ । କୃଷ୍ଣ କିପରି ନଜାଣନ୍ତୁ ସେଥିପାଇଁ, ଧର୍ମରାଜ କୃଷ୍ଣଙ୍କୁ ସଭାକକ୍ଷକୁ ନଯିବା ପାଇଁ ବାରଣ କରିଥିଲେ ତେଣୁ ସାହାଯ୍ୟ କରିବା ପାଇଁ, କୃଷ୍ଣ ସଭାକକ୍ଷ ଭିତରକୁ ପ୍ରବେଶ କରିବାକୁ ଚାହିଁଥିଲେ ବି ସେଥିପାଇଁ ତାଙ୍କୁ ଅନୁମତି ମିଳି ନଥିଲା ଅନ୍ୟପକ୍ଷରେ ପାଣ୍ଡବମାନେ ଜୁଆ ଖେଳରେ ହାରି ବିଳାପ କରୁଥିଲେ । ସେମାନେ ଏଥିପାଇଁ ଦୁର୍ଯୋଧନ ଓ ନିଜର ଭାଗ୍ୟକୁ ନିନ୍ଦୁଥିଲେ କିନ୍ତୁ କୃଷ୍ଣକୁ ସ୍ମରଣ କରି ନଥିଲେ । ଦୌପଦୀ ଦୁଃଶାସନ ଦ୍ୱାରା ନିର୍ଯାତିତା ହେବା ପ୍ରାରମ୍ଭରୁ ମଧ୍ୟ କୃଷ୍ଣଙ୍କୁ ସହାୟତା ମାଗି ନଥିଲେ। ଦୁଃଶାସନର ବସ୍ତ୍ରହରଣ ଅଘଟଣର ଅନ୍ତିମ ପର୍ଯ୍ୟାୟରେ, ନିରୁପାୟ ହୋଇ କୃଷ୍ଣଙ୍କୁ ଡାକିବାରୁ ସେ ତୁରନ୍ତ ସହାୟତା ପ୍ରଦାନ କରିଥିଲେ ।

ଉଦ୍ଧବ ପୁଣି ପଚାରିଥିଲେ– 'ପ୍ରଭୁ, ପାଣ୍ଡବ ମାନେ ଆପଣଙ୍କ ଆଶ୍ରୀତ । ସେମାନେ ଆପଣଙ୍କୁ ସାହାଯ୍ୟ ମାଗିଥିଲେ ଆପଣ ଯାଇଥାନ୍ତେ, ନମାଗିବାରୁ ଗଲେ ନାହିଁ, ଏହା କିପରି କଥା'? କୃଷ୍ଣ ସେହିଠାରେ ହିଁ କର୍ମଫଳର ଗୁରୁତ୍ୱ ଉଦ୍ଧବକୁ ବୁଝାଇ ଥିଲେ । 'ମନୁଷ୍ୟର କର୍ମରେ ତାଙ୍କର କିଛି ହାତ ନାହିଁ, ସେ କେବଳ ନୀରବଦ୍ରଷ୍ଟା ଭାବେ ସବୁ ଅନୁଧ୍ୟାନ କରନ୍ତି' । ମନୁଷ୍ୟ ତାର କର୍ମଫଳ ପାଇଁ ନିଜେ ସମ୍ପୂର୍ଣ୍ଣ ଉତ୍ତରଦାୟୀ । ତେବେ ସେ ଭାବ ଓ ଭକ୍ତିର ଅଧୀନ ଓ ସବୁବେଳେ ଭକ୍ତର ପାଖେ ପାଖେ ଥାଆନ୍ତି ।

ଉଦ୍ଧବଙ୍କ ଶେଷ ପ୍ରଶ୍ନ– 'ହେ ଅନ୍ତର୍ଯ୍ୟାମୀ, ଆମେ ସବୁ ପାପରେ ସଢୁଥିବୁ ଆପଣ ପାଖରେ ଥାଇ ସବୁ ଦେଖୁଥିବେ ଅଥଚ କିଛି ପ୍ରତିକାର କରିବେ ନାହିଁ ? କୃଷ୍ଣ ହସି ହସି କହିଥିଲେ – 'ମୁଁ ତୁମ ପାଖରେ ଅଛି ଭାବିଲେ, ତୁମେ ଆଦୌ ପାପ କରି ପାରିବ ନାହିଁ । ପାଖରେ ନାହିଁ ଭାବିଲେ, ପାପ କରିବ ଓ କର୍ମ ଅନୁସାରେ ଫଳ ଅବଶ୍ୟ ପାଇବ' ।

– ଭୁବନେଶ୍ୱର

*ମୋବାଇଲ୍ - ୭୯୭୮୪୨୦୪୯୩*

ଅର୍ଜୁନୀ ଚରଣ ବେହେରା

# ପ୍ରଭୁ ଶ୍ରୀରାମଙ୍କ ଜନ୍ମ

ସୂର୍ଯ୍ୟବଂଶ ଈକ୍ଷାକୁକୂଳରେ ମହାରାଜ ରଘୁ ଜନ୍ମ ହେବା ପରେ ଏହା ରଘୁବଂଶ ନାମରେ ଖ୍ୟାତ ହେଲା । ରଘୁଙ୍କ ପୁତ୍ର ହେଲେ ଅଜ ଓ ତାଙ୍କ ପୁତ୍ର ଦଶରଥ । ମହାରାଜ ଦଶରଥ ପ୍ରଭୁ ଶ୍ରୀ ରାମଙ୍କ ଜନକ । ଦଶରଥ ନିଃସନ୍ତାନ ଥାନ୍ତି । ଅଯୋଧ୍ୟାର ମହାମନ୍ତ୍ରୀ ସୁମନ୍ତ୍ରଙ୍କ ଠାରୁ ମହାରାଜ ଜାଣିବାକୁ ପାଇଲେ ବିଭାଣ୍ଡକମୁନିଙ୍କ ପୁତ୍ର ଋଷି ଋଷ୍ୟଶୃଙ୍ଗ ଯଦି ଆସି ପୁତ୍ରେଷ୍ଟିଯଜ୍ଞ ଅନୁଷ୍ଠାନ କରିବେ ତେବେ ତାଙ୍କର ପୁତ୍ର ପ୍ରାପ୍ତ ହେବ । ଋଷି ଋଷ୍ୟଶୃଙ୍ଗ ଅଙ୍ଗ ଦେଶ ରାଜା ଲୋମପାଦଙ୍କ ଦ୍ୱାରା ପୂର୍ବେ ଆନୀତ ହୋଇ ସେଠାରେ ପାଦ ସ୍ଥାପନ ମାତ୍ରେ ବହୁକାଳ ଅନାବୃଷ୍ଟି ଲାଗି ରହିଥିବା, ତାଙ୍କ ରାଜ୍ୟରେ ବୃଷ୍ଟି ପାତ ହୋଇଥିଲା । ସେ ବର୍ତ୍ତମାନ ଅଙ୍ଗଦେଶର ରାଜ ଦୁଲଣୀ ଶାନ୍ତାଙ୍କୁ ବିବାହ କରି ସେହିଠାରେ ଅବସ୍ଥାନ କରୁଛନ୍ତି । ଦଶରଥ ଆଉ କାଳ ବିଳମ୍ବ ନକରି କୁଳଗୁରୁ ବଶିଷ୍ଟଙ୍କ ଅନୁମତି ନେଇ ମହର୍ଷି ଋଷ୍ୟଶୃଙ୍ଗଙ୍କ ଆନୟନ ଉଦ୍ଦେଶ୍ୟରେ ଅଙ୍ଗଦେଶ ଯାତ୍ରା କଲେ । ସେଠାରେ ସେ ଯାଇ, ମହାରାଜା ଲୋମପାଦଙ୍କୁ ଅନୁରୋଧକରି କହିଲେ, ମହାରାଜ ମୁଁ ସନ୍ତାନହୀନ, ଆପଣଙ୍କ ଜାମାତାଙ୍କୁ ଅନୁମତି ଦେଲେ ସେ ଅନୁଗ୍ରହ କରି ମୋର ଗୋଟିଏ ଯଜ୍ଞ ଅନୁଷ୍ଠାନ କରନ୍ତେ ଯାହା ଦ୍ୱାରା ମୁଁ ସନ୍ତାନପ୍ରାପ୍ତିର ସୌଭାଗ୍ୟ ଲାଭ କରନ୍ତି ।' ଦଶରଥଙ୍କ ବିନୟ ବାକ୍ୟରେ ତୃପ୍ତ ଅଙ୍ଗରାଜ ସଙ୍ଗେ ସଙ୍ଗେ ସ୍ୱୀକୃତି ଦେଲେ, ରାଜା ଦଶରଥ ମହାମୁନି ଋଷ୍ୟଶୃଙ୍ଗଙ୍କୁ ସାଥିରେ ଧରି ନିଜ ରାଜ୍ୟ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ ।

ଚୈତ୍ର ମାସ, ଋତୁରାଜ ବସନ୍ତ ଉପସ୍ଥିତ ହେବାରୁ ଯଜ୍ଞର ନିର୍ଦ୍ଧାରିତ ସମୟ ଆସିଗଲା । ଯଜ୍ଞ ପାଇଁ ବର୍ଷକ ଆଗରୁ ଯେଉଁ ଅଶ୍ୱ ଛଡ଼ା ଯାଇଥିଲା ସେ ମଧ୍ୟ ନିର୍ବିଘ୍ନରେ ଫେରି ଆସିଲା । ଯଜ୍ଞର ସମସ୍ତ ଆୟୋଜନ ହୋଇ ପୁରୋଧା ଋଷ୍ୟଶୃଙ୍ଗମୁନି ଯଜ୍ଞ କାର୍ଯ୍ୟ ଆରମ୍ଭ କଲେ । ଯଜ୍ଞ ଅଶ୍ୱର ମେଦକୁ ତିନି ଦିନ କାଳ ଜଳୁଥିବା ହୋମ ଅଗ୍ନିରେ ଆହୁତି ଦିଆ ଗଲା । ରାଜା ଦଶରଥ ଉପସ୍ଥିତ ଋତ୍ୱିଜମାନଙ୍କୁ ବହୁମୂଲ୍ୟ ଦାନ ଦକ୍ଷିଣା ଆଦି ପ୍ରଦାନକରି ସନ୍ତୁଷ୍ଟ କଲେ । ଏହାପରେ ରାଜା ଦଶରଥ ଋଷ୍ୟଶୃଙ୍ଗଙ୍କୁ ନିବେଦନ କରି କହିଲେ,'ହେ ମହାତ୍ମା ! ଆପଣ ବର୍ତ୍ତମାନ ମୋର କୁଳ ବର୍ଦ୍ଧନ ନିମନ୍ତେ ଯଥା ବିଧି କାର୍ଯ୍ୟ କରନ୍ତୁ।' ଋଷ୍ୟଶୃଙ୍ଗ କହିଲେ,'ବର୍ତ୍ତମାନ ଆପଣ ଯେମିତି ଯଶସ୍ୱୀ ପୁତ୍ର ଲାଭ କରିବେ ମୁଁ ସେହି କାର୍ଯ୍ୟ କରୁଛି । ଅଥର୍ବ ବେଦ ମନ୍ତ୍ର ଦ୍ୱାରା ସିଦ୍ଧ ପୁତ୍ରେଷ୍ଟି ଯଜ୍ଞ ଆରମ୍ଭ କରୁଛି ।'

ପୁତ୍ରେଷ୍ଟି ଯଜ୍ଞ ଆରମ୍ଭ ହେଲା । ଯଜ୍ଞରେ ହବିର୍ଭାଗ ଗ୍ରହଣ କରିବା ପାଇଁ ଦେବତାମାନଙ୍କୁ ଆବାହନ କରାଗଲା । ଏହି ସମୟରେ ସମସ୍ତ ଦେବଗଣ ମିଳିତ ହୋଇ ପିତାମହ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ, 'ହେ ପରମେଷ୍ଠି !! ଆପଣଙ୍କ ବରରେ ବଳିୟାନ ରାବଣ ବର୍ତ୍ତମାନ ଅତୀବ ଦୁର୍ଦ୍ଦଣ୍ଡ ହୋଇ ପଡ଼ିଛି । ତାହାର ଅତ୍ୟାଚାରରେ ଧରଣୀ ଏବେ ତ୍ରାହିତ୍ରାହି ଡାକୁଛି । ଆପଣ ତାହାର ନିଧନର ଉପାୟ କରି, ସୃଷ୍ଟିକୁ ରକ୍ଷା କରନ୍ତୁ । ପିତାମହ ଟିକିଏ ନୀରବ ରହିଲେ । କିଛି କ୍ଷଣ ଚିନ୍ତା ଉପରାନ୍ତେ ପିତାମହ କହିଲେ,'ହଁ ରାବଣ ବରପ୍ରାପ୍ତ ହୋଇଛି ଦାନବ, ଦେବ, ଯକ୍ଷ, ଗନ୍ଧର୍ବ କାହା ହସ୍ତରେ ତାର ମରଣ ହେବ ନାହିଁ । ସେ ତ ମନୁଷ୍ୟ ମାନଙ୍କ କଥା କିଛି କହି ନଥିଲା । ତେଣୁ ମନୁଷ୍ୟ ହସ୍ତରେ ହିଁ ତାର ମୃତ୍ୟୁ ହେବ । ତୁମେ ବର୍ତ୍ତମାନ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହୁଅ । ଭଗବାନ ବିଷ୍ଣୁ ପରମ ଧାର୍ମିକ ରାଜା ଦଶରଥଙ୍କ ପୁତ୍ର ରୂପେ ଜନ୍ମ ଗ୍ରହଣ କରି ରାବଣ ସଂହାର କରିବେ ।' ଦେବତାଗଣ ମିଳିତ ଭାବେ ଯାଇ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ସନ୍ତୁଷ୍ଟ ଭଗବାନ କହିଲେ,'ହେ ଦେବଗଣ ! ମୁଁ ବୁଝି ପାରୁଛି, ବର୍ତ୍ତମାନ ଦୁରାତ୍ମା ରାବଣର ନିଧନ ନିତାନ୍ତ ଆବଶ୍ୟକ । ସମସ୍ତ ସଂସାରର ମଙ୍ଗଳ ଓ କଲ୍ୟାଣ ନିମିତ୍ତ ମୁଁ ନିଜକୁ ଚାରି ଭାଗରେ ବିଭକ୍ତ କରି ରାଜା ଦଶରଥଙ୍କ ପୁତ୍ର ଭାବେ ଜନ୍ମ ଗ୍ରହଣ କରିବି, ତୁମ୍ଭେମାନେ ନିଶ୍ଚିନ୍ତ ରୁହ ।' ଭଗବାନଙ୍କ ମୁଖରୁ ଏ ଆଶ୍ୱସ୍ତି ବାକ୍ୟ ଶୁଣିଲା ପରେ ଦେବତାମାନେ ଯାଇ ଦଶରଥଙ୍କ ପୁତ୍ରେଷ୍ଟିଯଜ୍ଞର ହବିର୍ଭାଗ ଗ୍ରହଣ କଲେ ।

ଏହି ସମୟରେ ହୋମ ଅଗ୍ନିରୁ ଅମିତ ପ୍ରଭା ଯୁକ୍ତ ଏକ କୃଷ୍ଣକାୟ ବିରାଟ ତେଜୀୟାନ ପୁରୁଷଙ୍କର ଆବିର୍ଭାବ ଘଟିଲା । ରକ୍ତ ବର୍ଣ୍ଣର ବସ୍ତ୍ର ପିନ୍ଧିଥାନ୍ତି । ତାଙ୍କ ଆରକ୍ତବଦନରୁ ଦୁନ୍ଦୁଭି ନାଦ ନିର୍ଗତ ହେଉ ଥିଲା । ସେ ତପ୍ତ କାଞ୍ଚନମୟ ଏକ ପାତ୍ର ହସ୍ତରେ ଧାରଣ କରିଥିଲେ । ସେ ଦଶରଥଙ୍କ ଆଡ଼େ ଚାହିଁ କହିଲେ,'ହେ ମହାରାଜ ! ମୁଁ ପ୍ରଜାପତି ବ୍ରହ୍ମାଙ୍କ ଦ୍ୱାରା ଆଦିଷ୍ଟ ହୋଇ ତୁମ ପୁତ୍ରଲାଭ ପାଇଁ ଏହି ପାୟସପୂର୍ଣ୍ଣ ପାତ୍ର ଦେବାକୁ ଆସିଛି । ତୁମ ରାଣୀମାନଙ୍କୁ ଏହି ପାୟସ ଭକ୍ଷଣ କରିବାକୁ ଦିଅ ଏବଂ ଅଭିଳଷିତ ପୁତ୍ର ପ୍ରାପ୍ତ ହୁଅ ।'

ମହାରାଜ ଦଶରଥଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ସେହି ପାୟସପୂର୍ଣ୍ଣ ପାତ୍ରଟି ଗ୍ରହଣକରି ଅଧେ ପାୟସ ତାଙ୍କ ଜ୍ୟେଷ୍ଠମହିଷୀ କୌଶଲ୍ୟାଙ୍କୁ ଦେଲେ । ବାକି ଅର୍ଦ୍ଧେକର ଅଧା ରାଣୀ ସୁମିତ୍ରାଙ୍କୁ ଦେଲେ । ବାକି ଯାହା ରହିଲା ସେଥିରୁ ପୁଣି ଅଧେ ରାଣୀ କୈକେଇଙ୍କୁ ଦେଲେ, ବାକି ଅବଶିଷ୍ଟକୁ ପୁଣି ସୁମିତ୍ରାଙ୍କୁ ଦେଲେ । ପାୟାସାନ୍ନ ଭକ୍ଷଣ ଫଳରେ ରାଣୀମାନେ ଗର୍ଭ ଧାରଣ କରି ଯଥା ସମୟରେ ପୁତ୍ରବତୀ ହେଲେ ।

ଚୈତ୍ରଶୁକ୍ଳ ନବମୀ ତିଥିରେ ପୁନର୍ବସୁ ନକ୍ଷତ୍ର ଯୁକ୍ତ ହୋଇ ପାଞ୍ଚୋଟି ଗ୍ରହ ଉଚ୍ଚ ସ୍ଥାନରେ ଥିଲେ । ଏହି ଶୁଭ ମୁହୂର୍ତ୍ତରେ ମହାରାଣୀ କୌଶଲ୍ୟାଙ୍କ ଗର୍ଭରୁ ଏକ ସର୍ବ ଲକ୍ଷଣଯୁକ୍ତ ପୁତ୍ର ଜନ୍ମ ହେଲା । ବିଷ୍ଣୁଙ୍କ ଅର୍ଦ୍ଧଅଂଶରୁ ସମ୍ଭୁତ ସେହି ସନ୍ତାନ ରାମ ନାମରେ ଇକ୍ଷାକୁ କୁଳର ଶୋଭାବର୍ଦ୍ଧନ କଲେ । ମହାରାଣୀ କୈକେଇଙ୍କ ଗର୍ଭରୁ ଜନ୍ମହେଲେ ସର୍ବଗୁଣ ସମ୍ପନ୍ନ ରାମାନୁଗତ ଭରତ । ସୂର୍ଯ୍ୟ କର୍କଟ ରାଶିରେ ରହି ଥିବାବେଳେ ଅଶ୍ଳେଷା ନକ୍ଷତ୍ରଯୁକ୍ତ ତିଥିରେ ରାଣୀ ସୁମିତ୍ରାଙ୍କ ଗର୍ଭରୁ ଜନ୍ମ ହେଲେ ଦୁଇ ପୁତ୍ର ସୁଧୀର ଲକ୍ଷ୍ମଣ ଓ ଶତ୍ରୁଘ୍ନ । ଏହିପରି ଭଗବାନ ବିଷ୍ଣୁ ଏହି ସଂସାରର ପାପ, ତାପ ହରଣପାଇଁ ଚାରିଅଂଶରେ ମହାରାଜ ଦଶରଥଙ୍କ ତିନି ରାଣୀଙ୍କ ଗର୍ଭରୁ ନର ଦେହ ଧରି ଜନ୍ମ ହେଲେ ।

ପ୍ରଭୁ ଶ୍ରୀରାମ ଚୈତ୍ର ଶୁକ୍ଳନବମୀ ତିଥିରେ ମଧ୍ୟାହ୍ନ ସମୟରେ ମାତା କୌଶଲ୍ୟାଙ୍କ ଉଦରରୁ ପ୍ରକଟ ହୋଇଥିଲେ । ଏହି ପବିତ୍ର ତିଥି ଶ୍ରୀରାମ ନବମୀ ଭାବେ ବିଖ୍ୟାତ । ପ୍ରଭୁ ଶ୍ରୀରାମଙ୍କ ସହିତ ଦେବତାମାନେ ମଧ୍ୟ ଭଗବାନଙ୍କୁ ଦୁଷ୍ଟ ସଂହାର ଲୀଳାରେ ସାହାଯ୍ୟ କରିବାପାଇଁ ବିଭିନ୍ନ ରୂପେ ସଂସାରରେ ବୀର ସନ୍ତାନ ମାନଙ୍କୁ ଉତ୍ପନ୍ନ କରିଥିଲେ । ଦେବରାଜ ଇନ୍ଦ୍ର ବାଳୀଙ୍କୁ, ସୁଗ୍ରୀବଙ୍କୁ ସୂର୍ଯ୍ୟ, ବୃହସ୍ପତି ତାରାଙ୍କୁ, କୁବେର ଗନ୍ଧମାର୍ଦ୍ଦନଙ୍କୁ, ଅଗ୍ନି ନୀଳଙ୍କୁ, ବିଶ୍ୱକର୍ମା ନଳଙ୍କୁ, ବରୁଣ ବୈଦ୍ୟଶ୍ରୀ ସୁଷେଣଙ୍କୁ, ଅଶ୍ୱିନୀ କୁମାର ମଇନ୍ଦ ଓ ଦ୍ୱୀବିନ୍ଦଙ୍କୁ ପୁତ୍ର ଭାବେ ଜାତକଲେ, ଭଗବାନ ଶଙ୍କରଙ୍କ ବୀର୍ଯ୍ୟରୁ ଅଞ୍ଜନି ସୂତ ପବନନନ୍ଦନ ମହାବୀର ହନୁମାନ ଜନ୍ମିଲେ । ରତ୍ନାକର ନନ୍ଦିନୀ ମାଆ ଲକ୍ଷ୍ମୀ ଜନକସୁତା ସୀତା ଭାବେ ଜନକଙ୍କ ଘରେ ଆବିର୍ଭୁତା ହେଲେ । ଭଗବାନବିଷ୍ଣୁ ତ୍ରେତୟାରେ ପ୍ରଭୁ ଶ୍ରୀରାମ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ଭାବେ ନର ଦେହରେ ଏ ଧରା ଅବତରଣକରି ଏପରି ଲୀଳା କରିଥିଲେ ଓ ଦୁଷ୍ଟ ଦଳନ କରି ଧରଣୀର ଭାର ଉଶ୍ୱାସ କରିଥିଲେ । ପବିତ୍ର ରାମ ନାମ ସ୍ମରଣ ମାତ୍ରେ ମନୁଷ୍ୟର ସର୍ବ ପାପମୋଚନ ହୋଇଥାଏ । ରାମ ରସାୟନ ଏହି କଳି ଯୁଗରେ ପରମ ମୋକ୍ଷଦାୟୀ ।

ମୋ - ୭୬୯୩୦୯୧୯୭୧

## ସଂ ପା ଦ କୀ ୟ

# ସ୍ମୃତିର ଆଢୁଆଳରେ ବେଲା କଟ୍ ଖିଅର

ଏବେକାର ଆଧୁନିକ ଯୁଗରେ ସେବେକାର ପୁରୁଣା ଯନ୍ତ୍ର, ପରମ୍ପରା, ରୀତି ଓ ନୀତି ସବୁ ଯେମିତି କୁଆଡ଼େ ହଜିଗଲାଣି। ଘରୁ ଆରମ୍ଭ କରି କୃଷିକ୍ଷେତ୍ର, ଶିକ୍ଷାନୁଷ୍ଠାନ, ଶିଳ୍ପ, ଚିକିତ୍ସା ଓ ବିଜ୍ଞାନ ଇତ୍ୟାଦି ସବୁ କ୍ଷେତ୍ରରେ ଆଧୁନିକ ଯନ୍ତ୍ର ସହିତ କୃତ୍ରିମ ବୁଦ୍ଧିମତାର ଉପଯୋଗ ବହୁଳ ଭାବରେ ଦେଖିବାକୁ ମିଳୁଛି। ଆଗଭଳି ଘରର ନିହାତି ଆବଶ୍ୟକ ପାଇଁ ଆବଶ୍ୟକ ଶୀଳ, ଚକି ଓ ଢିଙ୍କି ନାହିଁ କି କୃଷିକାର୍ଯ୍ୟ ପାଇଁ ହଳ, ଲଙ୍ଗଳ ଓ ବଳଦ ନାହାନ୍ତି। ପିଲାଙ୍କ ପାଠ ପଢ଼ା ସମୟ, ନୀତି ଅନୁସାରେ ପଢ଼ା ପୂର୍ବରୁ ପ୍ରାର୍ଥନା, ସକାଳେ ଗଣିତ, ସନ୍ଧ୍ୟାରେ ପ୍ରଥମେ ଟ୍ରାନ୍ସଲେସନ, ପାହାନ୍ତା ପ୍ରହରରୁ ଉଠି ପାଠ ପଢା ଏବେ ଆଉ ଜମାରୁ ନାହିଁ କହିଲେ ଚଳେ। ସମାନ କଥା ଦେଖିବାକୁ ମିଳୁଛି ଖିଅର (ଚୁଟି ଓ ଦାଢ଼ି କାଟିବା) ହେବାକୁ ନେଇ। ଆଗଭଳି ଗାଁ ବାରିକ ହାତରେ ଆଉ ମୁଠି ନାହିଁ, ସେଲୁନମାନଙ୍କରେ କଇଞ୍ଚି ସିନା ଅଛି କିନ୍ତୁ ଶାଣ ଦେଇ ଧାର



କରାଯାଉଥିବା ଖୁର ଆଉ ନାହିଁ। ଅତ୍ୟାଧୁନିକ ବ୍ଲେଡ ବ୍ୟବହାର ଯୋଗୁ ଖୁରର ବ୍ୟବହାର ସହିତ ଆବଶ୍ୟକତା ମଧ୍ୟ କମି ଗଲାଣି। ସେହିଭଳି ବାରିକ ପାଖରେ ନଖ କାଟିବା ପାଇଁ ନହୁରୁଣିର ସ୍ଥାନ ଏବେ ନେଲ୍-କଟର ନେଇ ସାରିଲାଣି। କାଁ ଭାଁ କେଉଁଠି କିମ୍ବା କେବଳ ମୃତ୍ୟୁକାଳୀନ ଦଶାହ ତୁଠରେ ବିଧି ରକ୍ଷା କରିବା ପାଇଁ ନହୁରୁଣି ଓ ଖୁରକୁ କେବଳ ଛୁଆଁଇ ଦିଆଯିବା ପରେ ଆଧୁନିକ ଯନ୍ତ୍ରାଂଶଯୁକ୍ତ ବ୍ଲେଡ ଓ ନେଲ୍-କଟରର ବ୍ୟବହାର କରାଯାଉଛି।

ଆଜିର ସମ୍ପାଦକୀୟ ଶୀର୍ଷକ ବେଲା କଟ୍ ଖିଅର କଥା ବହୁତ କଥାକୁ ବୁଝାଏ। ବୟସାଧିକ କାରଣରୁ ନନା (ବାପା)ଙ୍କୁ ମୁଁ ଘରେ ଅତ୍ୟାଧୁନିକ ଯନ୍ତ୍ର ରେଜର୍ ସାହାଯ୍ୟରେ ଦାଢ଼ି କାଟି ଦେଇଥାଏ। ମୋ ଦାଢ଼ି କଟାକୁ ନେଇ ସେ ମଧ୍ୟ ବହୁତ୍ ଖୁସି ହୁଅନ୍ତି। ଖିଅର ସରିବାପରେ ସବୁବେଳେ ଦାଢ଼ି କଟାଟି ଏକ୍ସେଲେଣ୍ଟ ହୋଇଛି ବୋଲି ଶୁଣିବା ପାଇଁ ପ୍ରଥମେ ଆସି ମୋ ପତ୍ନୀଙ୍କୁ ଦେଖାଇ ଥାଆନ୍ତି। ସେତିକି ଶୁଣିଦେଲେ ତାଙ୍କ ମନ ବି ଖୁସି ହୋଇଯାଏ। କିଏ କେମିତି ଆସି ଦାଢ଼ି ଖିଅର କରିଦେଲା ବୋଲି ପଚାରିଲେ କୁହନ୍ତି ପୁଅ ଭଣ୍ଡାରୀ ଖିଅର କରିଦେଇଛି। ପଇସା କେତେ ନେଲା ଉତ୍ତରରେ ହସିକି କୁହନ୍ତି ଟଙ୍କାଟିଏ ନଉଛି କାହିଁକି ନା ସେ ମୋ ପୁଅ ଓ ମୋଠୁ ଆଉ ଅଧିକ କୁଆଡେ ନେଇପାରିବ ? ସମୟ ଗଡ଼ିବା ସଙ୍ଗେ ସଙ୍ଗେ ଚୁଟି କାଟିବା ପାଇଁ ସେଲୁନ୍ ବି ଯାଇ ନପାରିବାରୁ ମୁଁ ଥରେ ଘରେ କଇଁଚି ଓ ପାନିଆ ସାହାଯ୍ୟରେ ବଡ କଷ୍ଟରେ କାଟିଥିଲି। ଆଉ ସେହି ଚୁଟି କଟା ଭିଡିଓଟିକୁ ଫେସ୍-ବୁକ୍‌ରେ ପୋଷ୍ଟ କରିଥିଲି। ଜଣେ ବନ୍ଧୁ ଦେଖିକି ଉପଦେଶ ଦେଲେ ଯେ ଚୁଟି କାଟିବା ପାଇଁ ଟ୍ରିମର ବ୍ୟବହାର କରନ୍ତୁ। ବନ୍ଧୁଙ୍କ କଥା ମାନି ସେହି ଦିନଠାରୁ ଚୁଟିର ନିମ୍ନ ଭାଗ ଟ୍ରିମର ଓ ଉପର ଭାଗ କଇଁଚି ସାହାଯ୍ୟରେ କାଟିବା ଜାରିରଖିଲି। ବୃଦ୍ଧ ବୟସରେ ତାଙ୍କର ଆଉ ଚୁଟି କଟାକୁ ନେଇ ଭଲ କି ମନ୍ଦର ଅଭିଯୋଗ ନଥିବାରୁ ମୁଁ ଯେମିତି କାଟିଦେଲେ ବି ସେ ବହୁତ ଖୁସି ହୋଇଥାନ୍ତି। ଗତ ରବିବାର ଦିନ ମୁଁ ସବୁ ଯନ୍ତ୍ରପାତି ଧରି ଚୁଟି କାଟିବାକୁ ପ୍ରସ୍ତୁତ ହେଲାବେଳକୁ ସାନ ପୁତୁରା ସହାୟତା କରିବାକୁ ଆସି ନିଜେ ଟ୍ରିମର ଧରି ଜେଜେବାପାଙ୍କର ଚୁଟିର ନିମ୍ନ ଭାଗରୁ ମଝି ପର୍ଯ୍ୟନ୍ତ କାଟିଦେଲା। ଉପର ଭାଗକୁ ଛୋଟଛୋଟ ଚୁଟି ସହିତ ମିଶାଇବା ନିମନ୍ତେ ବହୁତ୍ ପରିଶ୍ରମ କରିବାକୁ ପଡିଲା। ଖିଅର ସରିଯିବା ପରେ ପୁତୁରା ଦର୍ପଣ ଆଣିଦେଇ କହିଲା ଜେଜେବାପା ଦେଖ ଆଜି ତୁମର ମିଲିଟାରୀ କଟ୍ ଖିଅର ହୋଇଛି। ଦର୍ପଣ ଦେଖୁଦେଖୁ ନନା କହିଥିଲେ ଇଏ କୋଉ ମିଲିଟାରି କଟ୍ ମ ? ଇଏ ହେଉଛି ବେଲା କଟ୍। ପିଲାଦିନେ ଗାଆଁରେ ନରି ବାରିକ ଥିଲା, ତାକୁ ସେତେବେଳେ ଭଲ ଡିଜାଇନ୍ ଖିଅର ଜଣା ନଥିଲା। ତେଣୁ ଯେଉଁ ପିଲା ତା ପାଖକୁ ଖିଅର ହେବାକୁ ଯାଉଥିଲେ ସେ ଏମିତି ବେଲା କଟ୍ ଖିଅର କରି ଦେଉଥିଲା। ଅର୍ଥାତ୍ ମୁଣ୍ଡ ଉପରେ ଛୋଟିଆ କଂସା ବେଲାଟିଏ ପକାଇ ଦେବା ପରେ ବଳକା ସମସ୍ତ ଚୁଟିରେ ସେ ଖୁର ମାରି ଦେଉଥିଲା। ଆଜି ତୁମେ ଦୁଇଜଣ ମିଶି ମୋର ବେଲା କଟ୍ କରିଦେଲ। ମୁଁ ଏବେ କୁଆଡେ ଯାଉଛି ନା ମୋତେ ବା କିଏ ଦେଖୁଛି, ଏତିକି କହି ଚୁଟି କାଟି ଦେଇଥିବାରୁ ଆମକୁ ଅନେକ ଆଶୀର୍ବାଦ ଦେଲେ। ଆଜିକାଲିର ଯୁବ ପିଢ଼ି ଦାଢ଼ି ସମ୍ପୂର୍ଣ୍ଣ କାଟିବା ପାଇଁ ନୁହେଁ, ଟିକିଏ ସାଇଜ କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଦେଉଛନ୍ତି। କିନ୍ତୁ ଆମ ସଭିଙ୍କର ଦିନେ ସମୟ ଆସିବ, ଯେଉଁ ଦିନ ବେଲା କଟ୍ ଖିଅର କରିଦେଲେ ମଧ୍ୟ କିଛି କାହାର ଅଭିଯୋଗ ନଥିବ। କାରଣ ଚୁଟି କି ଦାଢ଼ି କାଟି କୁଆଡେ ଯିବାର ନଥିବ କି କେହି ଦେଖିବାକୁ ଆସିବାର ନଥିବ। ସମୟ ପ୍ରବାହ ସହିତ ସବୁ କିଛି ମୂଲ୍ୟହୀନ ହେଇଯିବ । ତେଣିକି ତାହା ବେଲା କଟ୍ ହେଉ କି ଡିଜାଇନ କଟ୍।



# ପ୍ରଭୁ ଶ୍ରୀରାମଙ୍କ ସୂର୍ଯ୍ୟ ବନ୍ଦନା

**-: ଅର୍ଜୁନୀ ଚରଣ ବେହେରା :-**

ଲଙ୍କାରେ ରାମ-ରାବଣଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗିଯାଇଥାଏ । ସେହି ଯୁଦ୍ଧ ଦେଖିବାପାଇଁ ଲଙ୍କାରେ ସ୍ୱର୍ଗରୁ ଦେ୍ୱତା ତଥା ସମସ୍ତ ମୁନିଋଷି ଆସି ପହଞ୍ଚିଥାନ୍ତି । ରାବଣ ନିଧନ ନେଇ ଶ୍ରୀରାମ ଖୁବ୍ ଚିନ୍ତିତ ହୋଇ ପଡ଼ିଥାନ୍ତି । ରାମଙ୍କୁ ଚିନ୍ତାଗ୍ରସ୍ତ ଦେଖି ଋଷି ଅଗସ୍ତ୍ୟ ଯାଇ ତାଙ୍କ ପାଖରେ ପହଞ୍ଚି କହିଲେ- ହେ ରାମ ! ଏକ ସନାତନ ଗୋପନୀୟ ବିଷୟ କହୁଛି ଶୁଣ, ଯାହାଦ୍ୱାରା ତୁମେ ଶତ୍ରୁକୁ ଏ ଯୁଦ୍ଧରେ ଅକ୍ଳେଷରେ ପରାସ୍ତ କରିପାରିବ । ତାହା ହେଉଛି, 'ଆଦିତ୍ୟ ହୃଦୟ ସ୍ତୋତ୍ର' । ଏହି ପବିତ୍ର ସ୍ତୋତ୍ର ପାଠକଲେ ସମସ୍ତ ଶତ୍ରୁଙ୍କ ବିନାଶ ହୋଇ ଥାଏ । ନିତ୍ୟ ପଠନୀୟ ଏହି ସ୍ତୋତ୍ର ସର୍ବ ମଙ୍ଗଳ ପ୍ରଦାୟକ ତଥା ସର୍ବ ପାପ ମୋଚନକାରୀ । ଏହା ଦ୍ୱାରା ବିଷାଦ ଓ ଶୋକ ଦୂର ହୋଇଥାଏ କ୍ଷ ଆୟୁ ବୃଦ୍ଧି ହୁଏ । ତୁମେ ଦେବାସୁର ପୂଜିତ ଅଂଶୁମାଳୀ ଭୁବନଭାସ୍କରଙ୍କୁ ପୂଜାକର, ସମସ୍ତ ଦେବତାଙ୍କର ସେ ଆତ୍ମା । ସେ ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ଶିବ, ବରୁଣ କୁବେର, ଯମ, ସ୍କନ୍ଧ, ମହେନ୍ଦ୍ର ଓ ଚନ୍ଦ୍ର । ସେ ପିତୃ, ବସୁ, ମରୁଦ୍ଗଣ, ଅଗ୍ନି, ବାୟୁ ଓ ପ୍ରଜାମାନଙ୍କ ପ୍ରାଣ ସ୍ୱରୂପ ଓ ଋତୁମାନଙ୍କ କର୍ତ୍ତା । ସେ ନକ୍ଷତ୍ର, ଗ୍ରହ ଓ ତାରାମାନଙ୍କ ଅଧିପତି । ସେ ସମସ୍ତ ପ୍ରାଣୀଙ୍କ ସ୍ରଷ୍ଟା, ପାଳନକର୍ତ୍ତା ଓ ନିୟନ୍ତା । ଘୋର ବିପଦରେ ଅବା ଭୟଂକର ଅରଣ୍ୟରେ ପଡ଼ି ଭୟଭୀତ ଅବସ୍ଥାରେ ଥାଇ ତାଙ୍କୁ କେହି ଜପକଲେ କେବେ ସେ ଅବସନ୍ନ ହୋଇ ନଥାଏ ।

ସୂର୍ଯ୍ୟଦେବଙ୍କ ମହିମା ବଖାଣି ସାରି ପୁଣି ଅଗସ୍ତ୍ୟ କହିଲେ, ହେ ରାଘବ ! ଏକାଗ୍ର ଚିତ୍ତରେ ଯୁଦ୍ଧରେ ଜୟ ଲାଭ ପାଇଁ ସୂର୍ଯ୍ୟଙ୍କ ପୁଜା କର । ଏହି ସ୍ତବ ତିନିଥର ଜପ କଲେ ତୁମେ ନିଶ୍ଚୟ ବିଜୟ ଲାଭ କରିବ । ତୁମେ ଏହି ମୁହୂର୍ତ୍ତରେ ରାବଣକୁ ନିଧନ କରି ପାରିବ ।

ଅଗସ୍ତ୍ୟଙ୍କ କଥା ଶୁଣି, ଶ୍ରୀରାମଙ୍କ ସମସ୍ତ ଶୋକ ଦୂର ହୋଇଗଲା। ସୂର୍ଯ୍ୟ ନାରାୟଣଙ୍କୁ ଚାହିଁ ସେ ଭକ୍ତିଭରେ ଆଦିତ୍ୟ ହୃଦୟ ସ୍ତବ ପାଠ କରିବାକୁ ଲାଗିଲେ । ଏହି ସମୟରେ ଲଙ୍କାରେ ବହୁ ଅଶୁଭ ଶକୁନମାନ ଦେଖାଗଲା । ରାବଣର ରଥ ଉପରେ ରୁଧିର ବର୍ଷାହେଲା, ଗୃଧ୍ରପକ୍ଷୀ ସବୁ ଚକ୍ରାକାରରେ ବୁଲିଲେ । ଦିନ ଥାଉଁଥାଉଁ ସଞ୍ଜ ହୋଇଗଲା ପରି ମନ୍ଦାରପୁଷ୍ପ ତୁଲ୍ୟ ରକ୍ତବର୍ଣ୍ଣର ପ୍ରଭା ଚତୁର୍ଦ୍ଦିଗରେ ଛାଇ ହୋଇଗଲା । ଜୋରରେ ଧୂଳି କୁଣ୍ଡଳୀ ଉଠି ଆକାଶକୁ ଆଚ୍ଛାଦିତ କରିଦେଲା । ଏପରି ଦାରୁଣ ଉତ୍ପାତମାନ ଦେଖି ରାବଣ ଏବଂ ତାହାର ସୈନ୍ୟ ମାନଙ୍କ ମନରେ ଭୟ ସଞ୍ଚାର ହେଲା । ରଥାରୋହି ଭୟଭୀତ ରାବଣ ଶ୍ରୀରାମଙ୍କ ଆଡ଼େ ତୀବ୍ର ବେଗରେ ଧାଇଁ ଆସିଲା । ରାମ ମାତଳିଙ୍କୁ ଆଦେଶ ଦେଲେ ତୁମେ ମୋ ରଥ ନେଇ ରାବଣ ସମ୍ମୁଖରେ ରଖ । ରାବଣ ସାମ୍ନାକୁ ଯାଇ ଶ୍ରୀରାମ ଇନ୍ଦ୍ର ଦତ୍ତ ଧନୁକୁ ଉଠାଇ କ୍ଷୁର ଧାର ତୁଲ୍ୟ ଏକ ସର୍ପାକାର ବାଣ ରାବଣ ଉପରେ ନିକ୍ଷେପ କଲେ । କ୍ଷଣକ ମଧ୍ୟରେ ବିଶ୍ରବା ନନ୍ଦନର କୁଣ୍ଡଳ ଶୋଭିତ ମସ୍ତକ ଭୂମିରେ ଲୋଟି ପଡ଼ିଲା ।

ବାଲ୍ମିକୀ ରାମାୟଣ ଯୁଦ୍ଧ କାଣ୍ଡର ଏକଶତ ପାଞ୍ଚ ତମ ସର୍ଗରେ ଏହି ଉପାଖ୍ୟାନ ବର୍ଣ୍ଣିତ ହୋଇଛି । ଏଥିରେ ଆଦିତ୍ୟହୃଦୟ ସ୍ତବର ମାହାତ୍ମ୍ୟ ବର୍ଣ୍ଣନା କରି କୁହା ଯାଇଛି:-

ଆଦିତ୍ୟ ହୃଦୟଂ ପୁଣ୍ୟଂ ସର୍ବଶତ୍ରୁ ବିନାଶନମ୍।
ଜୟାବହଂ ଜପେନ୍ନିତ୍ୟଂ ଅକ୍ଷୟଂ ପରମଂ ଶିବମ୍ ॥

**!!! ଜୟ ଶ୍ରୀରାମ !!!**

ମୋ - ୭୬୯୩୦୯୧୯୭୧

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ୟୁଜର ଫି ସମସ୍ୟା

**ପ୍ରସନ୍ନ ମିଶ୍ର**

କେତେଦିନ ହେବ ଭୁବନେଶ୍ୱର ବାସିନ୍ଦାମାନଙ୍କୁ ବିଏମସି ତରଫରୁ ୟୁଜର ଫି ଦେବାକୁ କୁହାଯାଉଛି । କେତେଲୋକ ମଧ୍ୟ ବିଏମସି କର୍ମଚାରୀ କହିବା ମୁତାବକ ଅର୍ଥ ପୈଠ କରିଥିବା ଜଣାଯାଏ । ଏ ସମ୍ପର୍କରେ ଜନସାଧାରଣ ଆଇନର ବାସ୍ତବ ସ୍ଥିତି ଜାଣିବା ନିତାନ୍ତ ଆବଶ୍ୟକ ।

କୌତୁହଳ ଏବଂ ଚିନ୍ତାର ବିଷୟ ହେଉଛି ମ୍ୟୁନିସିପାଲ ନିଗମ (କର୍ପୋରେସନ) ବ୍ୟବସ୍ଥା ହେବାର ଦୁଇ ଦଶନ୍ଧି ହେଲାଣି । ନୂଆ ଆଇନରେ ପ୍ରପର୍ଟି ଟାକ୍ସ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ପ୍ରପର୍ଟି ଟାକ୍ସ ଲାଗୁ କରାନଯାଇ ଏପର୍ଯ୍ୟନ୍ତ ପୁରୁଣା ହୋଲ୍‌ଡିଂ ଟାକ୍ସ ଆଦାୟ ହେଉଛି । ଆମ ସଚେତନତା ସ୍ତର (ଆଇନ ସାକ୍ଷରତା) ସ୍ୱଳ୍ପ ଥିବାରୁ ଭୁବନେଶ୍ୱର ନାଗରିକ ମଧ୍ୟ ଏହି ମୌଳିକ ପ୍ରଶ୍ନ ପଚାରୁ ନାହାନ୍ତି ଯେ ୨୩ ବର୍ଷ ପରେ ମଧ୍ୟ କାହିଁକି ପ୍ରପର୍ଟି ଟାକ୍ସ ବ୍ୟବସ୍ଥା ପ୍ରବର୍ତ୍ତନ ହେଉନି ।

ପ୍ରପର୍ଟି ଟାକ୍ସର ଦର୍ଶନ ହେଲା ଆପଣଙ୍କ ପ୍ରପର୍ଟି ସହରର ହେଉଁ ଜାଗାରେ ଏବଂ ଘର କିଭଳି ମାନର । ଏହି ଦୁଇଟି ସ୍ଥିତି ଆଧାରରେ ପ୍ରପର୍ଟି ଟାକ୍ସ ଦିଆଯିବ । ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଇଚ୍ଛାଧୀନ ପ୍ରସଙ୍ଗ ରହିବ ନାହିଁ । ଅନେକ କ୍ଷେତ୍ରରେ ହୋଲଡିଂ ଟାକ୍ସ ଦର ଅତ୍ୟଧିକ ହୋଇଛି କିନ୍ତୁ ଲୋକେ ଅଗତ୍ୟା ଏହା ଦେଉଛନ୍ତି । ପ୍ରପର୍ଟି ଟାକ୍ସ ପ୍ରବର୍ତ୍ତନ ହେଲେ ଏହି ସମସ୍ୟା ସମାଧାନ ହେଇଯିବ । କିନ୍ତୁ ସରକାର ଏହି ପ୍ରସଙ୍ଗରେ ମୌନତା ଅବଲମ୍ବନ କରି ଲୋକଙ୍କ ପ୍ରତି ଅନ୍ୟାୟ କରୁଛନ୍ତି । ଅନ୍ୟାୟ ସ୍ଥିତି ଅବ୍ୟାହତ ରହିଛି ।

ବର୍ତ୍ତମାନ ୟୁଜର ଫି ପ୍ରସଙ୍ଗ ଆଲୋଚନା କରିବା । ସରକାର କିଛି ବର୍ଷ ପୂର୍ବେ ଏହି ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରୟାସ କଲେ । ତାଙ୍କର ଯୁକ୍ତି ହେଲା ମ୍ୟୁନିସିପାଲ କର୍ପୋରେସନ ଆଇନରେ ୟୁଜର ଫି ବ୍ୟବସ୍ଥା ଅଛି । ହଁ, ଏହି ବ୍ୟବସ୍ଥା ଆଇନରେ ଅଛି; କିନ୍ତୁ ଆଇନରେ ପ୍ରପର୍ଟି ଟାକ୍ସ ବ୍ୟବସ୍ଥା ମଧ୍ୟ ଅଛି । ସରକାର ବ୍ୟବସ୍ଥାରୁ ଗୋଟିଏ ବାଛିବେ ଆଉ ଅନ୍ୟଟିକୁ ଅଣଦେଖା କରିବେ ଏହା ଗ୍ରହଣୀୟ ନୁହେଁ ।

ନାଗରିକମାନେ ନ୍ୟାୟାଳୟର ଆଶ୍ରୟ ନେଲେ । ଆମର ଯୁକ୍ତି ହେଲା ହୋଲଡିଂ ଟାକ୍ସରେ ଆବର୍ଜନା ପରିଚାଳନା ଖର୍ଚ୍ଚ ଅନ୍ତର୍ଭୁକ୍ତ । ଯେହେତୁ ଆମେ ହୋଲଡିଂ ଟାକ୍ସ ଦେଉଛୁ, ୟୁଜର ଫି ଆମଠୁ ଆଦାୟ କରିବା ବେଆଇନ । ନ୍ୟାୟାଳୟ ଆମ ଯୁକ୍ତିର ଯଥାର୍ଥତା ଯୋଗୁଁ ରହିତାଦେଶ ଦେଲେ । କିନ୍ତୁ କେତେ ନିରୀହ ନାଗରିକ ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କ ସକ୍ରିୟତା ଯୋଗୁଁ ଏବାବଦରେ ଅର୍ଥ ଜମା ମଧ୍ୟ କଲେ । କ୍ରମଶଃ ରହିତାଦେଶ କଥା ସମସ୍ତେ ଜାଣିଲେ ଏବଂ ସେହି ପ୍ରସଙ୍ଗର ସମାପ୍ତି ହେଲା । ଉଲ୍ଲେଖଯୋଗ୍ୟ ଯେ ନାଗରିକମାନେ ଯେଉଁ କେସ କରି ରହିତାଦେଶ ସୁବିଧା ପାଇଥିଲେ, ସେହି କେସରେ ସରକାର ଏଯାଏଁ ଜବାବ ମଧ୍ୟ ଦାଖଲ କରିନଥିବା ଜଣାଯାଏ ।

ବର୍ତ୍ତମାନ ଆଉଥରେ ମ୍ୟୁନିସିପାଲ କର୍ପୋରେସନ ସକ୍ରିୟ ହୋଇ ନାଗରିକଙ୍କୁ ୟୁଜର ଫି ଦେବାକୁ କହୁଛନ୍ତି । ନାଗରିକ ସଂଘ ପକ୍ଷରୁ ପୁଣିଥରେ ନ୍ୟାୟାଳୟର ଆଶ୍ରୟ ନେବା ପାଇଁ ପଦକ୍ଷେପ ନିଆଯାଉଛି । ଯେହେତୁ ହୋଲଡିଂ ଟାକ୍ସରେ ଆବର୍ଜନା ସଫାଇ ଅନ୍ତର୍ଭୁକ୍ତ, ଆଜି ୟୁଜର ଫି ଆଦାୟ କରିବା ବେଆଇନ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବ ରହିତାଦେଶ ଆଜି ମଧ୍ୟ ବଳବତ୍ତର ରହିଛି କାରଣ ଯେଉଁ

ପରିସ୍ଥିତିରେ ଏହି ଆଦେଶ ଦିଆ ଯାଇଛି ସେହି ପରିସ୍ଥିତି ଆଜି ମଧ୍ୟ ଅପରିବର୍ତ୍ତିତ ରହିଛି ।

ଆଜିର ଆଇନଗତ ବ୍ୟବସ୍ଥାରେ ୟୁଜର ଫି ଧାର୍ଯ୍ୟ କରିବା ଏବଂ ଆଦାୟ କରିବା ଉଭୟ ବେଆଇନ । ଏହି ବାସ୍ତବିକତା ଉଭୟ ସରକାର ଏବଂ ମ୍ୟୁନିସିପାଲ କର୍ପୋରେସନ ହୃଦୟଙ୍ଗମ କରିବା ଆବଶ୍ୟକ ଏବଂ ବେଆଇନ କାର୍ଯ୍ୟାନୁଷ୍ଠାନରୁ ବିରତ ହେବା ଆବଶ୍ୟକ ।

ୟୁଜରଫିର ପରିମାଣ ପ୍ରାସଙ୍ଗିକ ନୁହେଁ । ପ୍ରାସଙ୍ଗିକ ହେଉଛି ଏହାର ଆଇନଗତ ବୈଧତା । ଏହାକୁ ଆଦାୟ କରିବା ମନୋଭାବ 'ଲାଠି ଯାହାର ମହିଷୀ ତାହାର' ନୀତି ଅବଲମ୍ବନ କରିବା ମନୋଭାବ । କୌଣସି ଟିକସ ପରିମାଣ ଅତ୍ୟନ୍ତ ସ୍ୱଳ୍ପ ହେଲେ ମଧ୍ୟ ଯଦି ସମ୍ବିଧାନ ବ୍ୟବସ୍ଥାର ପରିପନ୍ଥୀ ହୋଇଥାଏ ତାହା ଦେବା ଅନ୍ୟାୟ ସହ ସାଲିସ କରିବା ।

ଏହି ପରିସ୍ଥିତିରେ ସରକାର ଏବଂ ମ୍ୟୁନିସିପାଲ କର୍ପୋରେସନ କର୍ତ୍ତୃପକ୍ଷ ୟୁଜର ଫି ଆଦାୟରୁ କ୍ଷାନ୍ତ ହୁଅନ୍ତୁ ଏବଂ ବିଧି ଦ୍ୱାରା ପ୍ରତିଷ୍ଠିତ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ ।

(ମତାମତ ଲେଖକଙ୍କ ନିଜସ୍ୱ)

ସାମାଜିକ ଗଣମାଧ୍ୟମ 'ଏକ୍ସ' ପୃଷ୍ଠାରୁ ସଗୃହିତ

*ପୂର୍ବତନ ଅନୁଶାସନ ସଚିବ*

## ନିୟମ ମାନୁନି ବାଲେଶ୍ୱର ପୌରପାଳିକା

# ଅଧିକାଂଶ ଗାଡ଼ିର ନାହିଁ ବୈଧ କାଗଜପତ୍ର

**ବାଲେଶ୍ୱର (ଭିଓଭି) :** ବାଲେଶ୍ୱର ପୌରପାଳିକାର ଏକାଧିକ ଗାଡ଼ି ନିୟମ ଉଲ୍ଲଂଘନ କରି ରାସ୍ତାରେ ଗଡୁଛି । ଗାଡ଼ି ଗୁଡ଼ିକରେ ନା ଅଛି ଫିଟନେସ ନା ଅଛି ଇନସ୍ୟୁରାନ୍ସ । ପ୍ରଦୂଷଣ ସାର୍ଟିଫିକେଟ କଥା ନକହିବା ଭଲ । ସାଧାରଣ ଲୋକଙ୍କ ଗାଡ଼ିର କାଗଜପତ୍ର ନଥିଲେ ପରିବହନ ବିଭାଗ ଚାଲାଣ କାଟୁଥିବା ବେଳେ ସରକାରୀ ଗାଡ଼ି ପାଇଁ କାହିଁକି ଏତେ ଅନୁକମ୍ପା ? ଓଡ଼ି୦୧ଏଏସ୍- ୦୯୧୪ ଗାଡ଼ିର ଇନସ୍ୟୁରାନ୍ସ ୨୦୨୪ ଏପ୍ରିଲ ୪ରୁ ସରିଲାଣି । ୨୦୨୫ ଏପ୍ରିଲ ୧୭ରୁ ଫିଟନେସ୍ ନାହିଁ । ୨୦୨୪ ଏପ୍ରିଲ ୧୮ରୁ ପ୍ରଦୂଷଣ ପ୍ରମାଣପତ୍ର ମଧ୍ୟ ନାହିଁ । ଆଉ ଏକ ଗାଡ଼ି ଓଡ଼ି୦୧ଏଜେ-୦୨୭୬ର ୨୦୧୯ ମେ ୩୧ରୁ ଇନସ୍ୟୁରାନ୍ସ ନାହିଁ । ୨୦୨୦ ଜୁନ୍ ୧୦ରୁ ଫିଟନେସ୍ ମଧ୍ୟ ନାହିଁ । ହେଲେ ଏହି ଦୁଇଟି ଗାଡ଼ି ରାସ୍ତାରେ ଗଡୁଛି । ଏହା ଉପରେ କାହିଁକି ପରିବହନ ବିଭାଗର ନଜର ପଡୁନି ? ସହରକୁ ସୁନ୍ଦର ଓ ବ୍ୟବସ୍ଥିତ ରଖିବା ଦାୟିତ୍ୱ ପୌରପାଳିକାର । ନିୟମ ଉଲ୍ଲଂଘନ କଲେ ପୌର ଅଧିକାରୀ ଜରିମାନା କରନ୍ତି । ଦରକାର ପଡିଲେ ଉଠା ଦୋକାନୀଙ୍କ ଜିନିଷ ଉଠାଇ ଆଣିଥାନ୍ତି । ପୌରପାଳିକାର ଏଭଳି କାମରେ ଏକାଧିକ ଗାଡ଼ି ବ୍ୟବହାର ହେଉଛି । ହେଲେ ଅଧିକାଂଶ ଗାଡ଼ିର ନାହିଁ କାଗଜପତ୍ର । ଅପରପକ୍ଷରେ ଯଦି ଗାଡ଼ିର କାଗଜପତ୍ର ଠିକ୍ ନଥିବ ତେବେ କରିଦେବୁ ବୋଲି କହିଛନ୍ତି ପୌରାଧ୍ୟକ୍ଷା ।

## ରାଉରକେଲାରେ ବେହାଲ ଟ୍ରାଫିକ ବ୍ୟବସ୍ଥା


# ଅଣନିଃଶ୍ୱାସୀ କରୁଛି ବେଆଇନ ପାର୍କିଂ

**ରାଉରକେଲା (ଭିଓଭି) :** ସ୍ମାର୍ଟସିଟି ରାଉରକେଲାରେ ଭୁଶୁଡ଼ି ପଡ଼ିଛି ଟ୍ରାଫିକ ବ୍ୟବସ୍ଥା । ଅଣଓସାରିଆ ରାସ୍ତାକୁ ବେଆଇନ ପାର୍କିଂରେ ଅଣନିଶ୍ୱାସୀ ଗାଡ଼ି ଚାଳକ । ଫଳରେ ପ୍ରତିଦିନ ଘଟୁଛି ଛୋଟ ବଡ଼ ଦୁର୍ଘଟଣା । ଯିଏ ଯୁଆଡ଼େ ପାରିଲା ଗାଡ଼ି ରଖିଲା । ରାସ୍ତା ଉପରେ ହେଉକି ଫୁଥପାଥ୍, ସବୁଠି ମାଳ ମାଳ ବେଆଇନ ପାର୍କିଂ । ବଡ଼ ବଡ଼ ହୋଟେଲଠୁ ନେଇ ସପିଂ ମଲ କିମ୍ବା ବ୍ୟାଙ୍କ୍ । ମନଇଚ୍ଛା ବେଆଇନ ଗାଡ଼ି ପାର୍କିଂ କରୁଛନ୍ତି ଗାଡ଼ି



ଚାଳକ । ଫଳରେ ପ୍ରତିଦିନ ଘଟୁଛି ଦୁର୍ଘଟଣା । ଏପଟେ କେବଳ ମୋଟା ଅଙ୍କର ଚାଲାଣ କାଟି ଚୁପ୍ ବସିଛି ପୁଲିସ । ଏପଟେ ବଡ଼ ବଡ଼ ମଲ୍ ମାନୁନାହାନ୍ତି ପ୍ରଶାସନର କଟକଣା । ବିନା ପାର୍କିଂ ବ୍ୟବସ୍ଥାରେ ଚଳାଇଛନ୍ତି ବେପାର । ସହରର ପାନପୋଷଠୁ ଆରମ୍ଭ କରି ଏସ୍‌ଟିଆଇ, ଉଦିତନଗର, ଷ୍ଟେସନ୍ ରୋଡ, ବିସ୍ରା ଛକ ହେଉକି ଆମ୍ବେଦକର ଛକ, ସବୁଠି ସମାନ ଅବସ୍ଥା । ପ୍ରତ୍ୟେକ ଦିନ ରାଜ୍ୟ ଭିତରୁ ଓ ରାଜ୍ୟ ବାହାରୁ ହଜାର ହଜାର ଗାଡ଼ି ସହର ଭିତରକୁ ପଶୁଛି । ପ୍ରଶ୍ନ ଉଠୁଛି, ପ୍ରଶାସନର କଟକଣାକୁ କାହିଁକି ଖାତିର କରୁନାହାନ୍ତି ବ୍ୟବସାୟୀ, କେବେ ବ୍ୟବସ୍ଥିତ ହେବ ଟ୍ରାଫିକ୍ ବ୍ୟବସ୍ଥା ?

## ମଣିମା ଶୁଣିମା ହେଉ...



Binaya Kumar Naik(Socialis...
@BinayaKumarNa17
Follow
ଢେଙ୍କାନାଳ: ଭୁବନ ବ୍ଲକ ଭୁଷଳ ପଞ୍ଚାୟତ କାଳନ୍ଦୀ ବେହେରା ପିତା ଭରତ ବେହେରାଙ୍କ ମାତାଙ୍କ ମୃତ୍ୟୁ ପରେ ତାଙ୍କ ମାତାଙ୍କ ନାମରେ ଥିବା ଜୟପୁର ମୌଜା ର ଖାତା ନମ୍ବର 12 ଏବଂ ଶ୍ରୀକାଟେଣୀ ମୌଜାର ଖାତା ନମ୍ବର 27 ର କଲମ ଖ ପରିବର୍ତ୍ତନ ପାଇଁ ଦେଇଥିଲେ ବି ତହସିଲଦାରଙ୍କ କର୍ମଚାରୀ ସରକାରଙ୍କ ନିୟମକୁ ପୁରା ଦେଖାଡିଲ୍ ।
@rdmodisha


12 Baje 12 minute
@12_baje
Follow
7 beneficiaries from Kutrupadu village (Bhoimada Panchayat, Kolnara Block, Rayagada) have not received their allowance for the last 5 months, despite having all required documents.
This delay is causing serious financial hardship.

We request the government to take immediate steps to ensure timely disbursement of their allowances.

#AllowanceDelay #SocialSecurity #PensionRights #RightToEntitlement

@SSEPD2 @siepodisha @DM_Rayagada @CMO_Odisha @Bdo_Kolnara


Dukhabandhu Biswal
@DukhabandhuBi13
Follow
Show translation
କର୍କଟ ଓ ହୃଦ ରୋଗରେ ପୀଡିତ ଅର୍ଥ ସାଜିଛି ବାଧକ , ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ଦଣ୍ଡିପୁର ଗାଁର ସତ୍ୟାନନ୍ଦ ଦେହୁରୀ ରୋଗାକ୍ରାନ୍ତ ରେ ପିଡୀତ ଅର୍ଥ ଅଭାବ ଉତ୍ତମ ଚିକିତ୍ସା ସହିତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ @CMO_Odisha @MohanMOdisha @districtadmndkl @CMRF_Odisha @GJAY_Odisha @AIIMSBhubaneswr


ashok kumar Behera
@Ashok866556
Follow
This is Janasunani. All are propaganda. More than 1 month passed. Still no response.
A village is suffering for the basic need.
#failedGovernance #Governmentcorruption


Susant Kumar Kandi @SusantKu_... · 21h
କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ୍ ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତ ବଡ଼ ମମନ୍ଦ୍ରାପାଡୁ ଗାଁରେ ମୌଳିକ ସୁବିଧା ଅପହଞ୍ଚ। ପାନୀୟଜଳ ପ୍ରକଳ୍ପ ଅଚଳ ହୋଇଯିବାରୁ ଲୋକେ କୁଆପାଣି ପିଉଛନ୍ତି। ଏଥିପ୍ରତି @koraputdm ମହୋଦୟ ଦୃଷ୍ଟି ଦେବାପାଇଁ ବିନମ୍ର ଅନୁରୋଧ। @CMO_Odisha @MohanMOdisha @PRDeptOdisha @RWSS_Koraput @BDOpottangi


Amiya Ranjan Barik
@amiyaranjanNpfc
Follow
Show translation
ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ନକଲି ଥଣ୍ଡା ଓ ପାନୀୟ ସୋଡ଼ା କାରଖାନା,ଯାଞ୍ଚ ହେଉନି ମାନ....!!
#Kakatpur
The departmental authorities are urged to take the matter seriously and take appropriate action. @CMO_Odisha @SecyChief @dept_ga @Food_Odisha @SanjayKr1997 @FS_Odisha @fssaiindia @HFWOdisha @dm_puri @JanaSunani

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୬୩୭୧୪୧୭୩୬୧
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# ଆଗାମୀ ୫ ଦିନ ରାଜ୍ୟରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର (ଭିଓଭି) :** ରାଜ୍ୟରେ ଏବେ ପାଣିପାଗର ଦୁଇଟି ରୂପ ଦେଖିବାକୁ ମିଳୁଛି । କେତେବେଳେ ପ୍ରବଳ ଖରା ଓ ଗୁଳୁଗୁଳି ତ ଆଉ କେତେବେଳେ କୋହଲିଆ ପାଗ ସହ ବର୍ଷା ଅନୁଭୂତ ହେଉଛି । ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଉତ୍ତର ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି ।



ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏଥିସହିତ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ 'ୟେଲୋ ୱାର୍ଣ୍ଣିଂ' ଜାରି କରାଯାଇଛି । ଏହି ପରିସ୍ଥିତି ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳର କେ. ନୂଆଗାଁରେ ସର୍ବାଧିକ ୧୧ ମିମି ବର୍ଷା ରେକର୍ଡ ହୋଇଛି ।

ଅପରପକ୍ଷରେ, ପଶ୍ଚିମ ଓଡ଼ିଶାରେ ତାତିର ପ୍ରକୋପ ଅସହ୍ୟ ହେବାରେ ଲାଗିଛି । ଟିଟିଲାଗଡ଼ରେ ତାପମାତ୍ରା ୪୦.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଅନ୍ୟ ୩ଟି ସହରରେ ପାରଦ ୩୯ ଡିଗ୍ରୀ ଉପରେ ରହିଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇପାରେ । ଫଳରେ ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ୪୨ ରୁ ୪୩ ଡିଗ୍ରୀ ଛୁଇଁବା ଆଶଙ୍କା ରହିଛି । ବର୍ଦ୍ଧିତ ତାତି ଓ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ତେଣୁ ଉଭୟ ଖରା ଓ ବଜ୍ରପାତକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଜଳକଷ୍ଟ : କାଦୁଅ ପାଣି ହିଁ ଭରସା

**ମାଲକାନଗିରି (ଭିଓଭି) :** ଖରାଦିନ ଆରମ୍ଭରୁ ଉପାନ୍ତ ଅଞ୍ଚଳରେ ପାନୀୟ ଜଳ ପାଇଁ ହାହାକାର । ବିଶୁଦ୍ଧ ଜଳର ଭୂମିକା ନିର୍ବାହ କରୁଛି ଚୁଆର ଗୋଳିଆ କାଦୁଅ ମିଶା ପାଣି । ଶୋଷ ମେଣ୍ଟାଇବା ପାଇଁ ଅସ୍ୱାସ୍ଥ୍ୟକର ପାଣି ଏବେ ଗ୍ରାମବାସୀଙ୍କ ପାଇଁ ଅମୃତ ସମାନ ପାଲଟିଛି । ପ୍ରଶାସନର ଦୃଷ୍ଟି ପଡୁନଥିବା ବେଳେ ଗ୍ରାମାଞ୍ଚଳର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଗୁଣ୍ଡାବେଡା ପଞ୍ଚାୟତର ରାମଗୁଡା ଗାଁ । ଆଉ ଏହା ହେଉଛି ଗାଁ ବିକାଶର ଅସଲ ଚିତ୍ର । ୨୦ରୁ ଅଧିକ ପରିବାର ବାସ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏଠାରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚି ପାରିନାହିଁ । ଗାଁ ପାଖରେ ଥିବା ଛୋଟ ଚୁଆ ହିଁ ଗ୍ରାମବାସୀଙ୍କ ତୃଷ୍ଣା ମେଣ୍ଟାଇବାର ଏକମାତ୍ର ଭରସା । ଖରା ବଢ଼ିବା ସହିତ ଜଳ ସଙ୍କଟ ଏମିତି ହୋଇଛି ଯେ, ଚୁଆ ପାଖରେ ମହିଳାମାନଙ୍କ ଲମ୍ବା ଲାଇନ୍ ଲାଗୁଛି । ପାଣି ନୁହେଁ ବରଂ ପଙ୍କ କାଦୁଅ ଗୋଳିଆ ପାଣିକୁ ଛାଣି ନିଜ ପରିବାରର ଶୋଷ ମେଣ୍ଟାଉଛନ୍ତି ମାଆମାନେ ।



ଚୁଆର ଗୋଳିଆ ପାଣି ପିଇବା ପାଇଁ ଆଦୌ ଉପଯୋଗୀ ନୁହେଁ । ହେଲେ ବିକଳ୍ପ ନଥିବାରୁ ଏହି ଦୂଷିତ ଜଳ ବ୍ୟବହାର କରି ଗ୍ରାମବାସୀମାନେ ଚର୍ମ ଓ ପେଟ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି । ଦୁଇ ବର୍ଷ ତଳେ ପ୍ରଶାସନ ପକ୍ଷରୁ ଏକ ବୋରୱେଲ୍ ଖୋଳାଯାଇଥିଲା, ଏବେ ସେଥିରୁ ଟୋପାଏ ବି ପାଣି ବାହାରୁନାହିଁ । ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ପ୍ରଶାସନର ଉଦାସୀନତା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ଯଥାଶୀଘ୍ର ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରାନଯାଏ, ତେବେ ଆଗକୁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ରାମଗୁଡାବାସୀ ।

# ନବୀନ ଜୈନଙ୍କ ବିରୋଧରେ ମାମଲା ରୁଜୁ

**ଟିଟିଲାଗଡ଼ (ଭିଓଭି) :** ସର୍ବସାଧାରଣରେ ଫାଙ୍କାରେ ଗୁଳି ଫୁଟାଇ ଅଡୁଆରେ ଫସିଛନ୍ତି ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବିଧାୟକ ନବୀନ ଜୈନ । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ତେଜିଛି ରାଜନୈତିକ ବୟାନବାଜି । ମୁହାଁମୁହାଁ ହୋଇଛନ୍ତି ଶାସକ ଦଳ ଓ ବିରୋଧୀ ।

ସର୍ବସାଧାରଣରେ ଗୁଳି ଫୁଟାଇବା ଓ ପରେ ପିସ୍ତଲକୁ ସର୍ବସମ୍ମୁଖରେ ସିନେମା ଷ୍ଟାଇଲରେ ନିଜ ଅଣ୍ଟାରେ ଖୋସି, ଫଶିଯାଇଛନ୍ତି ଟିଟିଲାଗଡ଼ ବିଧାୟକ ନବୀନ ଜୈନ । ସତ ସାମନାକୁ ଆସିବା ପରେ ବିଧାୟକଙ୍କ ବିରୋଧରେ ମାମଲା ରୁଜୁ କରିଛି ବଲାଙ୍ଗୀର ପୁଲିସ୍ । ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବଲାଙ୍ଗୀର ଯାଇ ଅନୁଧ୍ୟାନ କରିଛନ୍ତି । କେଉଁ ପରିସ୍ଥିତିରେ ବିଧାୟକ ଗୁଳି ଫୁଟାଇଲେ ସେ ନେଇ ପଚାରି ବୁଝିଛନ୍ତି । ଏଥିସହ ଫାଙ୍କା ଗୁଳି ଚାଳନାରେ ବିଧାୟକଙ୍କ ପାଖେ ପାଖେ ରହି ସହଯୋଗ କରୁଥିବା ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି ।

ଜଣେ ବିଧାୟକ କିପରି



ସର୍ବସାଧାରଣରେ ବ୍ଲାଙ୍କ୍ ଫାୟାରିଂ କଲେ ସେ ନେଇ ବର୍ଷିଛି ବିଜେଡି । ଏ ପ୍ରସଙ୍ଗ ବିଧାନସଭାରେ ଉଠାଇବେ ବୋଲି ବିଜେଡି ବିଧାୟକ କହିଛନ୍ତି । ଏଥିସହ ବିଧାୟକ ବ୍ଲାଙ୍କ୍ ଫାୟାରିଂ କରିବା ପରେ ପିଏସଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି । ଜବାବରେ ଶାସକ ଦଳ କହିଛି, ଯିଏ ବି ହୁଅନ୍ତୁ କେହି ଆଇନର ଊର୍ଦ୍ଧ୍ୱରେ ନୁହଁନ୍ତି । ଭୁଲ କଲେ ଦଣ୍ଡ ମିଳିବ ।

ଶ୍ରୀ ରାମନବମୀରେ ଟିଟିଲାଗଡ଼ ସହରର ରାଧାକୃଷ୍ଣ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାକାରୀ ନଗର ପରିଭ୍ରମଣ କରୁଥିଲେ । ରାମ ନାମରେ ସମଗ୍ର ସହର ପ୍ରକମ୍ପିତ ହେଉଥିଲା । ଶତାଧିକ ପୁରୁଷ, ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶାସ୍ତ୍ରୀ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସାମିଲ ହୋଇଥିଲେ । ଅଚାନକ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ପାଖକୁ ଡାକି ହାତରେ କଳା ରଙ୍ଗର ପିସ୍ତଲ ଧରି ଉପରକୁ ଉଠାଇ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ ।

# ଫ୍ଲଡ ଲାଇଟ୍ ଚୋରି ହେବା ପରେ ଅଭିଯୋଗ କଲାନି ଏସ୍ଏମ୍ସି

**ସମ୍ବଲପୁର (ଭିଓଭି) :** ମୁଖ୍ୟମନ୍ତ୍ରୀଙ୍କ ଗସ୍ତଲାଗି ସଜେଇହେଲା ସମ୍ବଲପୁର । ରାସ୍ତାଘାଟ ମରାମତି ହେବା ସହ ସହରର ବିଭିନ୍ନ ସ୍ଥାନରେ ଲଗାଗଲା ଫ୍ଲଡ ଲାଇଟ୍ । ହେଲେ ପ୍ରାୟ ୨୦ଟି ଫ୍ଲଡ ଲାଇଟ୍ର ପତ୍ତା ମିଳୁନି । ହେଲେ ଏସବୁ ଜାଣିବା ପରେ ବି ଚୁପ୍ ବସିଛି ସମ୍ବଲପୁର ମହାନଗର ନିଗମ । ଏତେବଡ଼ ଚୋରି ପରେ ବି ଏସ୍ଏମ୍ସି ଥାନାରେ ଅଭିଯୋଗ ମଧ୍ୟ କଲାନି । ଯାହାକୁ ନେଇ ଉଠିଛି ପ୍ରଶ୍ନ । ଜାନୁଆରି ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ କରିଥିଲେ । ଏହି ଗସ୍ତକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ଫ୍ଲଡ୍ ଲାଇଟ ଲଗାଇଥିଲା ଏସ୍ଏମ୍ସି । ପ୍ରତି ଲାଇଟ୍ ପିଛା ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରିଥିଲା ମହାନଗର ନିଗମ । ମୁଖ୍ୟମନ୍ତ୍ରୀ ସମ୍ବଲପୁରରୁ ଯିବା ପରେ ପ୍ରାୟ ୨୦ଟି ଫ୍ଲଡ ଲାଇଟର ପତ୍ତା ପାଇଲାନି ଏସ୍ଏମ୍ସି । ଉକ୍ତ ଲାଇଟଗୁଡ଼ିକ ଚୋରି ହୋଇଯାଇଥିବା ଏସ୍ଏମ୍ସି ପକ୍ଷରୁ କୁହାଯାଉଛି । ହେଲେ କିଏ ଲାଇଟ୍ ଚୋରି କଲା, ସେଗୁଡ଼ିକ କିଭଳି ଉଦ୍ଧାର ହେବ ସେନେଇ ଆଉ ମହାନଗର ଚିନ୍ତା କଲାନି କି ଘରୋଇ ସଂସ୍ଥା ବି ଥାନାରେ ଅଭିଯୋଗ କଲାନି । ଯାହାକୁ ନେଇ ବଢୁଛି ସନ୍ଦେହ । ଠିକା ସଂସ୍ଥା ନିବ୍ ଠାରୁ ୨୦୦ଟି ଫ୍ଲଡ ଲାଇଟ୍ କିଣିଥିଲା ଏସଏମସି । ମୁଖ୍ୟମନ୍ତ୍ରୀ ପହଞ୍ଚିବା ଦିନ ଉକ୍ତ ଲାଇଟ୍ଗୁଡ଼ିକ ଲଗା ଯାଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ଫେରିଯିବା ପରେ କିଛି ଲାଇଟ୍ ଖୋଲି ଆଣିବାକୁ ଏସଏମସି କର୍ତ୍ତୃପକ୍ଷ ଚିନ୍ତା କରିଥିଲେ । ମାତ୍ର ଜାତୀୟ



ରାଜପଥରୁ ହୀରାକୁଦ ରାସ୍ତାରେ ଲଗାଯାଇଥିବା ପ୍ରାୟ ୮ଟି ଫ୍ଲଡ୍ ଲାଇଟ୍ ନଥିବା ଜଣାପଡ଼ିଥିଲା । କେବଳ ଏହି ଗୋଟିଏ ସ୍ଥାନ ନୁହେଁ ବରଂ ଜିଲ୍ଲା ସ୍କୁଲ ଛକରୁ ପାନ୍ଥନିବାସ ରାସ୍ତାରେ ଲଗାଯାଇଥିବା ୨ଟି ଲାଇଟ୍ ବି କୁଆଡ଼େ ଚୋରି ହୋଇଯାଇଥିବା ଏସଏମସି କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ । ଏହାସହିତ ସହରର ଅନ୍ୟାନ୍ୟ ସ୍ଥାନରୁ ବି ସମାନ ଦିନରେ ଫ୍ଲଡ୍ ଲାଇଟ୍ ଚୋରି ଘଟଣା ଜାଣିଥିଲା ଏସଏମସି । ଏ ସମ୍ପର୍କରେ ଏସଏମସି କମିସନରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

# ଇସ୍ତଫା ଦେଲେ ସସ୍ମିତ ପାତ୍ର



**ଭୁବନେଶ୍ୱର (ଭିଓଭି) :** ସଂସଦର ଆଇଟି ଓ କମ୍ୟୁନିକେସନ ଷ୍ଟାଣ୍ଡି କମିଟିରୁ ଇସ୍ତଫା ଦେଲେ ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର । ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ମନ୍ତବ୍ୟକୁ ବିରୋଧ କରି ସେ ଇସ୍ତଫା ଦେଇଛନ୍ତି । ଏନେଇ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ସସ୍ମିତ ପାତ୍ର ନିଜ ଇସ୍ତଫା ପତ୍ର ପଠାଇଛନ୍ତି । ରାଜ୍ୟସଭା ଷ୍ଟାଣ୍ଡିଂ କମିଟିରୁ ଇସ୍ତଫା ଦେଇଥିବା ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି । ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ନିଶିକାନ୍ତ ଦୁବେ ବିଜୁ ବାବୁଙ୍କ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିଲେ । ମନ୍ତବ୍ୟକୁ ଖଣ୍ଡନ କରିବା ସହ ଏହାର ପ୍ରତିବାଦରେ ଷ୍ଟାଣ୍ଡିଂ କମିଟିରୁ ଇସ୍ତଫା ଦେଇଥିବା ଜଣାଇଛନ୍ତି । ଲୋକସଭା ଅଧୀନରେ ଷ୍ଟାଣ୍ଡି କମିଟି ରହିଥିବାରୁ ଇସ୍ତଫା ସଂପର୍କରେ ଲୋକସଭା ବାଚସ୍ପତିଙ୍କୁ ଜଣାଇବା ଲାଗି ଇସ୍ତଫା ପତ୍ରରେ ଅନୁରୋଧ କରିଛନ୍ତି ସସ୍ମିତ ପାତ୍ର ।

# Our Environment at Stake ‘coz of War’



Nihar Ranjan Acharya

At a time when the world is grappling with climate change, biodiversity loss, and rising pollution, one of the most devastating yet under-discussed threats to the environment continues to unfold—war.

While global discussions revolve around carbon neutrality, sustainable development, and green transitions, armed conflicts quietly undo decades of environmental progress within days. The environmental cost of war is neither temporary nor localized; it is long-lasting, transboundary, and often irreversible.

War is not merely a geopolitical event—it is an ecological catastrophe.

The Environmental Cost of Conflict

Modern warfare is technologically advanced and environmentally destructive. Every missile launched, every infrastructure bombed, and every fuel depot set ablaze releases massive quantities of greenhouse gases and toxic pollutants into the atmosphere.

Air quality deteriorates drastically during conflicts. Explosions release particulate matter, heavy metals, and hazardous chemicals, making the air unfit for breathing. Unlike industrial emissions, which are monitored and regulated, wartime emissions occur without oversight, without accountability.

Water bodies, too, suffer immensely. Rivers and lakes become contaminated with oil spills, chemical leaks, and debris from destroyed infrastructure. In many war-affected regions, access to clean drinking water becomes a distant dream, not only due to scarcity but also due to toxicity.

The soil—our fundamental life-support system—is not spared. Bombardments and chemical residues degrade soil quality, making it infertile for years, sometimes decades. Agricultural lands turn into barren zones, directly threatening food security.

Biodiversity: The Forgotten Casualty

War zones often overlap with ecologically sensitive regions. Forests are cleared for military operations, wildlife habitats are destroyed, and species are forced into displacement or extinction.

Animals do not understand borders or conflicts, yet they bear the consequences. Migration routes are disrupted, breeding cycles are disturbed, and ecosystems collapse silently.

Unlike human losses, which are counted and reported, biodiversity loss during war remains largely undocumented and unaddressed.

The Climate Contradiction

There is a growing global consensus on combating climate change. Nations pledge to reduce emissions, adopt renewable energy, and transition to sustainable lifestyles. However, war stands in direct contradiction to these commitments.

A single large-scale conflict can emit more greenhouse gases than several smaller nations combined. Military operations are among the largest consumers of fossil fuels, yet they remain exempt from many climate accountability frameworks.

This contradiction raises an uncomfortable question:

Can the world truly achieve climate goals while continuing to engage in conflicts?

Selective Environmentalism

In recent years, there has been increased awareness about environmental issues—from air pollution during festivals to plastic usage in daily life. Governments, institutions, and citizens actively engage in discussions and solutions.



However, when it comes to war, this environmental concern often fades into silence.

There are no prime-time debates on the environmental impact of bombings. No international pressure demanding ecological accountability in conflict zones. No global campaigns highlighting the environmental devastation caused by wars.

This selective sensitivity undermines the very foundation of environmentalism.

Peace as Environmental Policy

If the environment is to be protected in its truest sense, peace must be recognized as a core environmental strategy.

Preventing war is not just a political or humanitarian necessity—it is an ecological imperative.

Environmental protection cannot be limited to planting trees, reducing waste, or conserving water. It must also include preventing large-scale destruction caused by human conflict.

Peace ensures stability. Stability allows ecosystems to thrive. And thriving ecosystems sustain life.

The Way Forward

The global community must begin to integrate environmental considerations into discussions of war and peace. Environmental impact assessments should not be limited to industries—they must extend to conflicts as well.

International organizations, policymakers, and environmental advocates must raise their voices against the ecological consequences of war. Media must broaden its lens to include environmental reporting in conflict coverage.

Most importantly, individuals must recognize that environmental responsibility goes beyond daily habits—it includes advocating for a world where destruction is not normalized.

Conclusion

The planet does not distinguish between emissions from industries and emissions from war. The damage is cumulative, and the consequences are shared.

As we stand at a critical juncture in human history, the choice before us is clear:

to continue down a path of conflict and ecological collapse, or to embrace peace as the foundation of sustainability.

Because ultimately, when war begins, the environment ends—and with it, the future of humanity itself.

Ph. 8249775817
E-Mail: nihar.acharya1973@gmail.com

## ସୁପ୍ରିମକୋର୍ଟଙ୍କ ନାଲିଆଖି

# ମନଇଚ୍ଛା ବେଲ୍ ଦିଅନି

ନୂଆଦିଲ୍ଲୀ (ଭିଓଭି) : ଯୌତୁକ ମୃତ୍ୟୁ ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ପାଟନା ହାଇକୋର୍ଟ ଦେଇଥିବା ଜାମିନକୁ ସୁପ୍ରିମକୋର୍ଟ ପ୍ରତ୍ୟାହାର କରିଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଏପରି ଜଘନ୍ୟ ଅପରାଧରେ ଅଭିଯୁକ୍ତଙ୍କୁ ଜାମିନ୍ ଦେଇଦେବା ନ୍ୟାୟୋଚିତ ନୁହେଁ । ମାମଲାର ଗୁରୁତ୍ୱକୁ ବିଚାର କରି ଅଭିଯୁକ୍ତ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର । ଏହାସହ ଯଦି ବାହାଘରର ୩ ମାସରେ ସ୍ତ୍ରୀର ଅଚାନକ ମୃତ୍ୟୁ ହୁଏ ତା'ହେଲେ ଅଭିଯୁକ୍ତ ସ୍ୱାମୀଙ୍କୁ କେବେ ବି ବେଲ୍ ଦେବା ଉଚିତ ନୁହେଁ ।

ସୁପ୍ରିମକୋର୍ଟ ଏକ ଯୌତୁକ ହତ୍ୟା ମାମଲାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନ୍ୟାୟପାଳିକା ଯୌତୁକ ହତ୍ୟାର କୁକର୍ମ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବ, ଯାହା ସମାଜକୁ ଗ୍ରାସ କରୁଛି । ସୁପ୍ରିମକୋର୍ଟ ପାଟନା ହାଇକୋର୍ଟର ସେହି ନିଷ୍ପତ୍ତିକୁ ବାତିଲ କରିଦେଇଛନ୍ତି, ଯେଉଁଥିରେ ଯୌତୁକ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ କେବଳ ଏହି ଆଧାରରେ ଜାମିନ ଦିଆଯାଇଥିଲା ଯେ ସେ କିଛି ସମୟ ପାଇଁ ଜେଲରେ ଥିଲେ ।



ଏହି ମାମଲା ବିହାରର ଗୋପାଳପୁର ଥାନା ଅଞ୍ଚଳର । ୧ ସେପ୍ଟେମ୍ବର ୨୦୨୪ରେ ରୁଜୁ ହୋଇଥିବା ଏଫଆଇଆର ଅନୁଯାୟୀ, ମୃତକଙ୍କ ବିବାହ ମାତ୍ର ଦେଢ଼ ବର୍ଷ ହୋଇଥିଲା । ମୃତକଙ୍କ ମାଆ ଲାଲ ମୁନି ଦେବୀ ଅଭିଯୋଗ କରିଛନ୍ତି, ବିବାହ ସମୟରେ ୨୦ ଲକ୍ଷ ଟଙ୍କା ନଗଦ ଏବଂ ପ୍ରାୟ ୬ ଲକ୍ଷ ଟଙ୍କାର ଅଳଙ୍କାର ଦେବା ସତ୍ତ୍ୱେ ଶ୍ୱଶୁର ଘର ଲୋକଙ୍କ ଲୋଭ ଶାନ୍ତ ହୋଇନଥିଲା । ଅଭିଯୁକ୍ତ ସ୍ୱାମୀ ଏବଂ ତାଙ୍କ ପରିବାର ତାଙ୍କ ଝିଅକୁ ଗାଡ଼ି ଏବଂ ଅନ୍ୟାନ୍ୟ ଜିନିଷପତ୍ର ପାଇଁ ନିରନ୍ତର ହଇରାଣ କରୁଥିଲେ । କେବଳ ଏତିକି ନୁହେଁ, ବିବାହର ୬ ମାସ ମଧ୍ୟରେ ସ୍ୱାମୀଙ୍କ ଅନ୍ୟ ଜଣେ ମହିଳାଙ୍କ ସହିତ ସମ୍ପର୍କ ମଧ୍ୟ ସାମ୍ନାକୁ ଆସିଥିଲା । ଯେତେବେଳେ ସ୍ତ୍ରୀ ଏହାର ପ୍ରତିବାଦ କରିଥିଲେ, ଆଉ କିଛି ସମୟ ପରେ ତାଙ୍କର ମୃତ୍ୟୁ ଖବର ସାମ୍ନାକୁ ଆସିଲା । ରିପୋର୍ଟ ଅନୁସାରେ, ମହିଳାଙ୍କ ମୃତ୍ୟୁ ସ୍ୱାଭାବିକ ନଥିଲା । ମହିଳାଙ୍କ ଖପୁରି ଫାଟିଯାଇଥିଲା, ମସ୍ତିଷ୍କ ସ୍ନାୟୁରେ ଗୁରୁତର କ୍ଷତ ଏବଂ ଏପରିକି ରିବ୍ କେଜର ହାଡ଼ ବି ଭାଙ୍ଗିଯାଇଥିବା ପୋଷ୍ଟମର୍ଟମ୍ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ।

ସୁପ୍ରିମକୋର୍ଟ ପାଟନା ହାଇକୋର୍ଟର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ ଅଣଦେଖା କରି ଏକ ମେସିନ୍ ଭଳି ନିଷ୍ପତ୍ତି ଶୁଣାଇଛନ୍ତି । ଖଣ୍ଡପୀଠ କହିଛନ୍ତି, ଏହା ଦୁର୍ଭାଗ୍ୟଜନକ ଯେ ଯୌତୁକ ମୃତ୍ୟୁ ଆଜିର ସମାଜରେ ଏକ ଗମ୍ଭୀର ଚିନ୍ତାର ବିଷୟ ହୋଇ ରହିଛି । ତେଣୁ ପ୍ରମାଣକୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରିବା କୋର୍ଟମାନଙ୍କର ଦାୟିତ୍ୱ । ଯଦି ବିବାହର ୩ ମାସରେ ପତ୍ନୀଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଯାଏ ତାହାଲେ ଘଟଣାର ଓ ପ୍ରମାଣ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି, ଦୋଷୀକୁ ଉଚିତ ଶାସ୍ତି ଦେବା ଉଚିତ । ନହେଲେ ନ୍ୟାୟାଳୟ ଉପରେ ଲୋକଙ୍କ ବିଶ୍ୱାସ ରହିବନି । ବଶେଷ କରି ଯୌତକୁ ମାମଲାରେ ଅଭିଯୁକ୍ତଙ୍କୁ ନିସ୍ତାର ନାହିଁ ବୋଲି କହିଛନ୍ତି ସୁପ୍ରିମକୋର୍ଟ ।

## ହାଇକୋର୍ଟଙ୍କ ଉପରେ ବର୍ଷିଲେ ସୁପ୍ରିମ୍‌କୋର୍ଟ

# ଦୁଷ୍କର୍ମ ପୀଡ଼ିତାଙ୍କ ପରିଚୟ ପ୍ରକାଶ ନକରିବାକୁ ତାଗିଦ୍

**ନୂଆଦିଲ୍ଲୀ (ଭିଓଭି) :** ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବା ନେଇ ହାଇକୋର୍ଟଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ । କଠୋର ଶବ୍ଦରେ ନିନ୍ଦା ମଧ୍ୟ କରିଛନ୍ତି । ଦୁଷ୍କର୍ମ ପୀଡ଼ିତା ଓ ତାଙ୍କ ପରିବାରର ସଦସ୍ୟଙ୍କ ନାମ ପ୍ରକାଶ ନକରିବା ନେଇ ସୁନିଶ୍ଚିତ କରିବାକୁ ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୮ ନିପୁନ ସେକ୍ସନ୍ ମାମଲାରେ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଥିଲେ, କୌଣସି ବ୍ୟକ୍ତି ଛାପା ଗଣମାଧ୍ୟମ, ବୈଦ୍ୟୁତିକ କିମ୍ବା ଅନ୍ୟ କୌଣସି ସାମାଜିକ ଗଣମାଧ୍ୟମରେ ପୀଡ଼ିତା କିମ୍ବା ପୀଡ଼ିତାଙ୍କ ପରିଚୟ ପ୍ରକାଶ କରୁଥିବା ପରି କୌଣସି ସୂଚନା ପ୍ରକାଶ କରିପାରିବେ ନାହିଁ । ଏହା ପରେ ବି କୋର୍ଟ ନିର୍ଦ୍ଦେଶକୁ ଅନେକ ସମୟରେ ପାଳନ କରାଯାଇ ନଥିବାରୁ ଜଷ୍ଟିସ ସଞ୍ଜୀୟ କାରୋଲ ଓ ଜଷ୍ଟିସ ଏନ୍ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ରାୟ ପାଳନ କରିବାରେ ତ୍ରୁଟି ପାଇଁ କୋର୍ଟ ଗୁଡ଼ିକର ଉଦାସୀନତା ଏବଂ ଏପରି ଅପରାଧ ପରେ ହେଉଥିବା ଗଭୀର ନିନ୍ଦା ବିଷୟରେ ସଚେତନତାର ଅଭାବକୁ ଦାୟୀ କରିଛନ୍ତି ।



ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ୧୯୮୩ ମସିହାରେ ଏକ ସଂଶୋଧନ ଦ୍ୱାରା ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୭୬ ଅନୁଯାୟୀ ପୀଡିତାଙ୍କ ପରିଚୟ ସୁରକ୍ଷିତ ରଖିବା ପାଇଁ ଆଇପିସିରେ ଏକ ବ୍ୟବସ୍ଥା ପ୍ରଣୟନ କରଯାଇଥିଲା । ଖଣ୍ଡପୀଠ ରାୟର ଏକ କପି ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଆହୁରି ମଧ୍ୟ କହିଛନ୍ତି, ଭାରତୀୟ ଦଣ୍ଡ ସଂହିତା ୧୮୬୦ର ୨୨୮ଏରେ ମଧ୍ୟ ଦୁଷ୍କର୍ମ ସମେତ ଅନ୍ୟ କେତେକ ଅପରାଧ ମାମଲାରେ ସାମାଜିକ ନିନ୍ଦାକୁ ରୋକିବାକୁ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବାକୁ ନିଷେଧ କରାଯାଇଥିଲା । ଆଇନରେ ଦୀର୍ଘଦିନ ହେଲା ଏପରି ବ୍ୟବସ୍ଥା ରହିଛି । କିନ୍ତୁ ଏହାର ଅନୁପାଳନ କରାଯାଇନି ବୋଲି କୋର୍ଟ ତୀବ୍ର ଭର୍ତ୍ସନା କରିଥିଲେ । ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ଏକ ଆଦେଶକୁ ଖାରଜ କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ଏଥିରେ ଜଣେ ୯ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀଙ୍କ ଦଣ୍ଡାଦେଶକୁ ବଦଳାଇ ଦିଆଯାଇଥିଲା । ଏସବୁ ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଅନେକ ଘଟଣାରେ ଦେଖାଯାଏ ପୀଡ଼ିତା ଯୌନ ରାକ୍ଷସର ଶିକାର ହୋଇସାରିବା ପରେ ବି ତା'ର ଯନ୍ତ୍ରଣା ସରେନି । ପୁଲିସ, କୋର୍ଟ କଚେରିର ପ୍ରଶ୍ନ ବାଣରେ ସେ ବାରମ୍ବାର ଆଘାତ ପାଏ । ଆଉ କିଛି ଗଣମାଧ୍ୟମ ନିଜର ନିହିତ ସ୍ୱାର୍ଥ ପାଇଁ ଖବରକୁ ଏପରି ଭାବେ ଉପସ୍ଥାପନ କରନ୍ତି, ପ୍ରତ୍ୟକ୍ଷ ନହେଲେ ବି ପରୋକ୍ଷ ଭାବେ ପୀଡ଼ିତା ମାନସିକ ଯନ୍ତ୍ରଣା ଭୋଗିଥାଏ । ତା'ର ପାରିପାର୍ଶ୍ୱିକ ସ୍ଥିତିରେ ସେ ସହଜ ହୋଇପାରେନା । ଯାହା ତା'ର ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଥାଏ । ଏହାକୁ ନେଇ ଏବେ ସୁପ୍ରିମକୋର୍ଟ କଠୋର ହୋଇଛନ୍ତି ଏବଂ ପୀଡ଼ିତାଙ୍କ ପରିଚୟକୁ ଉହ୍ୟ ରଖିବାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**